୬ ବେଙ୍ଗାଲୁରୁ ଦଳାଚକଟା ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆର୍‌ସିବି





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୩୨ ● ୧୦ ଜୁନ୍ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-132 ●10th June 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାରେ ସଫଳତା ଦେଖି ଖୁସି ହେଲେ ମୁଖ୍ୟମନ୍ତ୍ରୀ

# ସରକାରଙ୍କ ଦ୍ୱିତୀୟ ବର୍ଷର ଉନ୍ନୟନ କାମର ଶୁଭାରମ୍ଭ କେନ୍ଦ୍ରାପଡ଼ାରୁ ହେବ

ଭୁବନେଶ୍ୱର/କେନ୍ଦ୍ରାପଡ଼ା, ୯।୬

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ସର୍କିଟ୍ ହାଉସ୍ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ଜିଲ୍ଲା ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରିବା ସାଙ୍ଗକୁ ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟରୁ ହିଁ ହେବ।

ସମୀକ୍ଷାରୁ ଜଣାଯାଇଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳ ସମ୍ପଦର ବିକାଶ ହେବା ପାଇଁ ଏବଂ ଏହି ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ। କେନ୍ଦ୍ରାପଡ଼ା ଅଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ କରିବା ପାଇଁ ଏବଂ ଭିତରକନିକା ଓ ଗହୀରମଥା ଅଞ୍ଚଳରେ ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ। ଖୁବ ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ଗୁଡ଼ିକ ଏହି ଜିଲ୍ଲାରେ ଉଦ୍‌ଘାଟନ ହେବା ପାଇଁ ଯାଉଛି ଏବଂ କେନ୍ଦ୍ରାପଡ଼ା ଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି ବୈଠକରୁ ଜଣାଯାଇଛି ।



ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି *(ପୃଷ୍ଠା ୭ରେ)*

### ରଥଯାତ୍ରା ପାଇଁ ୨ୟ ସମନ୍ୱୟ ବୈଠକ

# ୮୦% କାମ ସରିଲାଣି, ବାକି ସବୁ ସୁରୁଖୁରୁରେ ହେବ

ପୁରୀ, ୯।୬

ନ୍ୟୁଜ୍ ବ୍ୟୁରୋ

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ୨ୟ ସମନ୍ୱୟ ବୈଠକ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୈଠକ ଶେଷରେ ଆଇନ୍ ମନ୍ତ୍ରୀ ଶ୍ରୀହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି ଯେ, ରଥଯାତ୍ରା ପାଇଁ ପ୍ରାୟ ୮୦% ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇ ସାରିଛି। ଶ୍ରୀଗୁଣ୍ଡିଚା ଯାତ୍ରାର ଯଥେଷ୍ଟ ପୂର୍ବରୁ ଅବଶିଷ୍ଟ ୨୦% ପ୍ରସ୍ତୁତି କାର୍ଯ୍ୟ ସରିବ । ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟରେ କାର୍ଯ୍ୟ ଚାଲିଛି। ମହାପ୍ରଭୁ ନିଜେ ସବୁ କିଛି କରାନ୍ତି, ସବୁକିଛି ସୁରୁଖୁରୁରେ ହେବ ବୋଲି ସେ କହିଛନ୍ତି।

ସେହିପରି ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଥିବାରୁ ୩ ଶହ ଡାକ୍ତରଙ୍କୁ ଚିକିତ୍ସା ସେବାରେ ନିୟୋଜିତ କରାଯିବ। ୧୫ଟି ଆଇସିୟୁ ବେଡର ବ୍ୟବସ୍ଥା ମଧ୍ୟ କରାଯାଇଛି କୋଭିଡ ପାଇଁ କେହି ବ୍ୟସ୍ତ ହେବାର କିଛି କାରଣ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ।

ଏଆଇ ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା ମାଧ୍ୟମରେ ନିୟନ୍ତ୍ରିତ ହେବ।




ରଥନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ରାସ୍ତା ମରାମତି, ବିଦ୍ୟୁତ ସେବା ଯୋଗାଣ, ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ କଟକଣା, ସ୍ୱାସ୍ଥ୍ୟ ସେବା ଆଦି ପ୍ରସଙ୍ଗରେ ବିଭିନ୍ନ ଅଧିକାରୀ, ସେବାୟତଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି।

ଆଇନ୍‌ମନ୍ତ୍ରୀ କହିଛନ୍ତି ଯେ, ଏଆଇ ସୁରକ୍ଷା ବ୍ୟବସ୍ଥା ସିସିଟିଭି କ୍ୟାମେରା ମାଧ୍ୟମରେ ନିୟନ୍ତ୍ରିତ ହେବ। ସମନ୍ୱିତ ନିୟନ୍ତ୍ରଣ କମାଣ୍ଡ ସେଣ୍ଟର ସହିତ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ବଜାୟ ରଖାଯିବ ଏବଂ ଏକ ୱାର ରୁମ ସ୍ଥାପନ କରାଯିବ।

ମନ୍ତ୍ରୀ କହିଛନ୍ତି ଶୃଙ୍ଖଳିତ ରଥଯାତ୍ରା ପାଇଁ ସେବାୟତ ବୃନ୍ଦ, ରଥଯାତ୍ରା ସମନ୍ୱୟ କମିଟି ଏବଂ ପୁରୀ ସହରର ବରିଷ୍ଠ ନାଗରିକ ମାନଙ୍କ ସହ ଆଲୋଚନା କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆଶଙ୍କା କରାଯାଉଥିବାରୁ ପାନୀୟଜଳ, ଶୌଚାଳୟ, ରହଣି ସୁବିଧା, ଅପରାଧ ଦମନ, ଭିଡ଼ ନିୟନ୍ତ୍ରଣ, ଠାକୁରଙ୍କ ଶୃଙ୍ଖଳିତ ଦର୍ଶନ, ଉଚିତ ମୂଲ୍ୟରେ ମହାପ୍ରସାଦ ଉପଲବ୍ଧ କରିବା, ବସ ଓ ଟ୍ରେନ ଯାତ୍ରାକୁ ସହଜ ଓ ସୁଗମ କରିବା, ସଫେଇ, ଉତ୍ତମମାନର ଖାଦ୍ୟ ବିକ୍ରି, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ସର୍ବୋପରି ରଥଯାତ୍ରାରେ ନୀତିନିର୍ଘଣ୍ଟ ଓ ନୀତିକାନ୍ତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସାଂସଦ, ବିଧାୟକ, ସୁରକ୍ଷା ଅତିରିକ୍ତ ନିର୍ଦ୍ଦେଶକ, ଜିଲ୍ଲାପାଳ ଏବଂ ଏସପି ଏହି ବୈଠକରେ ଉପସ୍ଥିତ ଥିଲେ।

## ଚଳନ୍ତା ଟ୍ରେନ୍‌ରୁ ପଡ଼ି ୮ ଯାତ୍ରୀଙ୍କ ଜୀବନ ଗଲା

ଥାନେ, ୯।୬

ମହାରାଷ୍ଟ୍ରର ଥାନେରେ ଏକ ଲୋକାଲ ଟ୍ରେନ୍‌ର ଏକ ବଡ଼ ଦୁର୍ଘଟଣା ଘଟିଛି । ମୁମ୍ବାଇର ହୃଦସ୍ପନ୍ଦନ କୁହାଯାଉଥିବା ଲୋକାଲ ଟ୍ରେନରୁ ପଡ଼ି ୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସେହି ସମୟରେ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ସୋମବାର ସକାଳ ୯ଟାରେ ଦିବା ଏବଂ ମୁମ୍ବ୍ରା ଷ୍ଟେସନ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି । କୁହାଯାଉଛି ଯେ, ଟ୍ରେନଟି ଅଧିକ ଭିଡ଼ ଥିବାରୁ ଏହି ଦୁର୍ଘଟଣା ଘଟିଛି । ଟ୍ରେନ୍‌ଟି ଜାମ ହୋଇଯାଇଥିଲା ଟ୍ରେନ୍‌ରେ ପାଦ ରଖିବା ପାଇଁ କୌଣସି ସ୍ଥାନ ନ ଥିଲା।

ଯାତ୍ରୀମାନେ ଦ୍ୱାରରେ ଝୁଲି ଯାତ୍ରା କରୁଥିଲେ। ଏହି ସମୟରେ ଏହି ଦୁର୍ଘଟଣା ଘଟିଛି। ରେଳ ପ୍ରଶାସନ ଏବଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଦୁର୍ଘଟଣା ବିଷୟରେ ସୂଚନା ଦେଇ କେନ୍ଦ୍ରୀୟ ରେଳବାଇ କହିଛି ଯେ ଥାନେର ମୁମ୍ବ୍ରା ରେଳ ଷ୍ଟେସନ ଅଭିମୁଖେ ଯାତ୍ରା କରୁଥିବା କିଛି ଯାତ୍ରୀ ଟ୍ରେନ୍‌ରୁ ଖସି ପଡ଼ିଛନ୍ତି। ଦୁର୍ଘଟଣାର କାରଣ ଟ୍ରେନ୍‌ରେ ଅତ୍ୟଧିକ ଭିଡ଼ ବୋଲି ଅନୁମାନ କରାଯାଉଛି। ସେଣ୍ଟ୍ରାଲ ରେଳବାଇ କହିଛି ଯେ ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଏହି ଘଟଣା ଦ୍ୱାରା ସ୍ଥାନୀୟ ସେବା ମଧ୍ୟ ପ୍ରଭାବିତ ହୋଇଛି।

# ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ

ଭୁବନେଶ୍ୱର, ୯।୬

ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ ସ୍ପଷ୍ଟ କରି କହିଛନ୍ତି ଯେ, ରାଜ୍ୟ ସରକାର କୌଣସି ପ୍ରକାରର ଦୁର୍ନୀତିକୁ ବରଦାସ୍ତ କରିବେ ନାହିଁ।

ଦୁର୍ନୀତି ବିରୋଧରେ ଅଭିଯାନ ଆରମ୍ଭ ହୋଇଛି ଏବଂ କାହାକୁ ଛଡାଯିବ ନାହିଁ । ଯିଏ ଦୁର୍ନୀତିରେ ଲିପ୍ତ ରହିବ, ତାଙ୍କ ପଦବୀ କିମ୍ବା ପ୍ରଭାବ ଯାହା ହେଉନା କାହିଁକି, ସେ ଜେଲ ଯିବେ। ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ସମୟରେ ରାଜସ୍ୱ ମନ୍ତ୍ରୀ ଏପରି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ମନ୍ତ୍ରୀ କହିଛନ୍ତି, ସମ୍ପ୍ରତି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ, ଅନେକ ସରକାରୀ ଅଧିକାରୀ ପୂର୍ବରୁ ତଦନ୍ତ ଏବଂ ଗିରଫଦାରୀର ସମ୍ମୁଖୀନ ହୋଇଛନ୍ତି । ରବିବାର ଦିନ, ଜଣେ ଆଇଏଏସ ଅଧିକାରୀଙ୍କ ବାସଭବନରେ ଚଢଉ କରାଯାଇ ୪୭ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏନେଇ ଜଣେ କ୍ରସର ବ୍ୟବସାୟୀଙ୍କଠାରୁ ଲାଞ୍ଚ ଦାବି କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା।

ମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ, ସରକାର ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଆମେ ସମସ୍ତଙ୍କୁ ଆମ ସହିତ ସହଯୋଗ କରିବାକୁ ଏବଂ ଲାଞ୍ଚ ଦେବା କିମ୍ବା ନେବାରୁ ନିବୃତ୍ତ ରହିବାକୁ ଅନୁରୋଧ *(ପୃଷ୍ଠା ୭ରେ)*

# ୧୧ ବର୍ଷରେ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ବିକାଶ ଦେଖିଛି ଭାରତ

ନୂଆଦିଲ୍ଲୀ : ୯।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତୃତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂରଣ ହେବା ଅବସରରେ କହିଛନ୍ତି ଯେ, ତାଙ୍କ ସରକାରର ୧୧ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଭାରତ କେବଳ ସବୁଠାରୁ ତ୍ୱରିତ ଗତିରେ ବଢୁଥିବା ପ୍ରମୁଖ ଅର୍ଥନୀତି ହିସାବରେ ନିଜକୁ ପ୍ରତିଷ୍ଠିତ କରିନାହିଁ ବରଂ ଜଳବାୟୁ କାର୍ଯ୍ୟ ଓ ଡିଜିଟାଲ୍ ଉଦ୍ଭାବନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ପ୍ରମୁଖ ବୈଶ୍ୱିକ ସ୍ୱର ପାଲଟିଛି।

ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ଅଧିକାରିଙ୍କ ଏକ୍ସ ହ୍ୟାଣ୍ଡେଲ୍‌ରେ 'ସେବାର ୧୧ ବର୍ଷ' ହ୍ୟାସଟ୍ୟାଗ୍ ସହିତ କିଛି ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ସରକାରର ପ୍ରତ୍ୟେକ ଯୋଜନାର କେନ୍ଦ୍ରବିନ୍ଦୁରେ ଗରିବ



ଭାଇ-ଭଉଣୀ ଓ ଲୋକଙ୍କ କଲ୍ୟାଣ ନିଶ୍ଚିତ କରିବାର ଥିଲା। ଉଜ୍ୱଳା ହେଉକି ପିଏମ୍ ଆବାସ, ଆୟୁଷ୍ମାନ ଭାରତ ହେଉ କି ଭାରତୀୟ ଜନ ଔଷଧି କିମ୍ବା ପିଏମ୍ କୃଷକ ସମ୍ମାନ ନିଧି — ଏହି ସମସ୍ତ ଯୋଜନାମାନ ଦେଶବାସୀଙ୍କ ଆଶାକୁ ନୂଆ ଡେଣା ଦେଇଛି। ଆମେ ଏହି ସମୟରେ ପୂରା ନିଷ୍ଠା ଓ ସେବାଭାବ ସହିତ ଲୋକଙ୍କ ଜୀବନକୁ ସହଜ କରିବା ପାଇଁ ଯଥାସମ୍ଭବ ସମସ୍ତ ପ୍ରୟାସ କରିଛୁ।

ପ୍ରଧାନମନ୍ତ୍ରୀ ଅନ୍ୟ ଏକ ପୋଷ୍ଟରେ କହିଛନ୍ତି ଯେ, ସୁଶାସନ ଓ ପରିବର୍ତ୍ତନ ଉପରେ ସ୍ପଷ୍ଟ ଧ୍ୟାନ ଦିଆଯାଇଛି। ୧୪୦ କୋଟି ଭାରତୀୟଙ୍କ ଆଶୀର୍ବାଦ ଓ ସାମୂହିକ ଭାଗିଦାରୀରେ ଚାଲିଥିବା ଭାରତ ବିଭିନ୍ନ କ୍ଷେତ୍ରରେ ତ୍ୱରିତ ଭାବରେ ପରିବର୍ତ୍ତନ ଦେଖିଛି।

'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ର ସିଦ୍ଧାନ୍ତରୁ ପ୍ରେରିତ ହୋଇ ଏନଡିଏ ସରକାର ଗତି, ପରିମାଣ ଓ ସେନ୍ସିଟିଭିଟି *(ପୃଷ୍ଠା ୭ରେ)*

## ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକାଳୀନ ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୯।୬

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ରହିଥାଏ। ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହୋଇଥାଏ । ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି।

ନିଷ୍ପତ୍ତି ଅନୁଯାୟୀ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯିବା ସହିତ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ। ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ପକ୍କା ପାଚେରୀ, କମ୍ପାଉଣ୍ଡ ୱାଲ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର, ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ।

## ଚୀନ ତାଇୱାନରେ ସାମରିକ ଘେରାବନ୍ଦୀ ବୃଦ୍ଧି କରିଛି

ତାଇପେ, ୯।୬

ତାଇୱାନ ଏବଂ ଚୀନ ମଧ୍ୟରେ ସାମରିକ ସଂଘର୍ଷ ବୃଦ୍ଧି ପାଇବାରେ ଲାଗିଛି ।ଚୀନ ଲଗାତାର ତାଇୱାନକୁ ଘେରି ରହିଛି। ତାଇୱାନର ଜାତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ (ଏମଏନଡି) କହିଛନ୍ତି ଯେ ସୋମବାର ସକାଳ ଛଅଟା ସମୟରେ (ସ୍ଥାନୀୟ ସମୟାନୁସାରେ)ଦେଶର ଜଳସୀମା ନିକଟରେ ଚୀନର ସାତୋଟି ବିମାନ ଏବଂ ଆଠଟି ନୌସେନା ଜାହାଜକୁ ଟ୍ରାକ କରାଯାଇଥିଲା ।ଚୀନର ସାତରୁ ପାଞ୍ଚ ବିମାନ ମଧ୍ୟମ ରେଖା ଅତିକ୍ରମ କରି ତାଇୱାନର ଦକ୍ଷିଣ -ପଶ୍ଚିମ ଏବଂ ପୂର୍ବ ଏଡିଆଇଜେଡରେ ପ୍ରବେଶ କରିଥିଲେ ।ଏମଏନଡି ଏକ୍ସ ପୋଷ୍ଟରେ କହିଛନ୍ତି ଯେ ତାଇୱାନ ନିକଟରେ କାମ କରୁଥିବା ପିଏଲଏ ବିମାନ ଏବଂ ଆଠଟି ପିଏଲଏଏନ ବିମାନର ସାତୋଟି ଉଡାଣ ଆଜି ସକାଳ ୬ଟା ସମୟରେ (ୟୁଟିସୀ+୮)ପର୍ଯ୍ୟନ୍ତ



ପର୍ଯ୍ୟବେକ୍ଷଣ କରାଯାଇଥିଲା ।ସାତରୁ ପାଂଚ ବିମାନ ଦକ୍ଷିଣ-ପଶ୍ଚିମ ଏବଂ ପୂର୍ବ ଏଡିଆଇଜେଡରେ ପ୍ରବେଶ କରିଥିଲା ।ତାଇୱାନର ସେନା ଏହାର ଜବାବ ଦେଇଥିଲା।

## ଦେଶରେ ୬ହଜାର ପାର୍ ହେଲା କରୋନା ସକ୍ରିୟ ମାମଲା

ନୂଆଦିଲ୍ଲୀ, ୯।୬

ଦେଶରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି କୋରୋନା । ସଂକ୍ରମଣକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆଲର୍ଟ ଅବସ୍ଥାରେ ଅଛି। ମନ୍ତ୍ରଣାଳୟ ଅନୁଯାୟୀ, ସୋମବାର ସକାଳ ୮ଟା ସୁଦ୍ଧା ଦେଶରେ ଆକ୍ଟିଭ କୋରୋନା ସଂକ୍ରମିତଙ୍କ ସଂଖ୍ୟା ୬୧୩୩କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୩୭୯ ନୂଆ ମାମଲା ସାମ୍ନାକୁ ଆସିଛି ଓ ଛଅ ଜଣ ରୋଗୀର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଦୁଇଜଣ କର୍ଣ୍ଣାଟକ, ତିନିଜଣ କେରଳ ଓ ଜଣେ ତାମିଲନାଡୁର ବ୍ୟକ୍ତି ଅନ୍ତର୍ଭୁକ୍ତ।

କେରଳରେ ୧୯୫୦ ସବୁଠାରୁ ଅଧିକ ସକ୍ରିୟ କୋଭିଡ୍ ମାମଲା ରହିଛି । ତାପରେ ଗୁଜରାଟ୍ ରହିଛି ୮୨୨ ଠାରୁ ଅଧିକ ମାମଲା । ଏହା ପରେ ତୃତୀୟରେ ରହିଛି ଦିଲ୍ଲୀ। ଯେଉଁଠାରେ ୬୮୬ ସକ୍ରିୟ ମାମଲା ରିପୋର୍ଟ କରାଯାଇଛି।

## ଏକାଳ ପଖାଳ



ରାତି ପାହିଲେ ସ୍ନାହାନ ମଣ୍ଡପେ
ଶହେ ଆଠ ଗରା ପାଣି
ଗାଧେଇକି ଜ୍ୱରରେ ପଡିବେ
ଶୋଇ ବ୍ରହ୍ମାଣ୍ଡ ବିନ୍ଧାଣୀ
ସାଙ୍ଗେ ବଡ ଭାଇ ଭଉଣୀ
ଅଣସର ଘରେ ଲୀଳା କରିବେ
କାଳିଆ ମଉଡ ମଣି !

# ସ୍ୱାମୀଙ୍କୁ ହତ୍ୟା କରିବାକୁ ହିଁ ହନିମୁନ୍‌ରେ ଯାଇଥିଲେ ସୋନମ୍



ସିଲଂ, ୯।୬

ସ୍ୱାମୀଙ୍କୁ ହନିମୁନ୍ ପାଇଁ ମେଘାଳୟ ନେଇ ସେଠାରେ ହତ୍ୟା କରିଥିବା ପତ୍ନୀ ସୋନମ୍ ରଘୁବଂଶୀଙ୍କ ଭୟଙ୍କର ଷଡ଼ଯନ୍ତ୍ର ଉପରୁ ଗୋଟିଏ ପରେ ଗୋଟିଏ ପରଦା ଉଠିବାରେ ଲାଗିଛି। ନିଜ ପୁରୁଷ ବନ୍ଧୁ ରାଜ କୁଶୱାହା ପାଇଁ ସୋନମ ସ୍ୱାମୀ ରାଜା ରଘୁବଂଶୀଙ୍କୁ ସୁପାରି ଦେଇ ମେଘାଳୟରେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ପୁଲିସ ସୋନମଙ୍କ ସହିତ ୪ ଜଣଙ୍କୁ ଗିରଫ କରିବା ପରେ ଘଟଣା ଉପରୁ ଧୀରେ ଧୀରେ ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି । ଏବେ ସାମ୍ନାକୁ ଆସୁଛି ଯେ ସୋନମ ମେଘାଳୟ ଯିବା ଲାଗି ଟିକେଟ କରିଥିଲେ ସତ, କିନ୍ତୁ ଫେରିବା ଟିକେଟ କରି ନ ଥିଲେ। ଯାହାଫଳରେ ଘରୁ ବାହାରିବା ପୂର୍ବରୁ ସେ ରାଜାଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କରି ଯାଇଥିଲେ ବୋଲି ରାଜାଙ୍କ ମା ଉମା ରଘୁବଂଶୀ କହିଛନ୍ତି।

ଅନ୍ୟପଟେ ସୋନମଙ୍କ ଉପରେ ପରିବାର ସଦସ୍ୟଙ୍କର କୌଣସି ସନ୍ଦେହ ନ ଥିଲା ବୋଲି ରାଜାଙ୍କ ମା କହିଛନ୍ତି । କାରଣ ବିବାହ ପରଠାରୁ ସୋନମ ଜଣେ ଭଲ ବୋହୂ ଭାବେ ଚଳିଆସୁଥିଲେ ।ସମସ୍ତଙ୍କୁ ଖୁସିରେ ରଖିବାକୁ ଚେଷ୍ଟା କରୁଥିଲେ। ତେଣୁ ତାଙ୍କ ଉପରେ କାହାରି *(ପୃଷ୍ଠା ୭ରେ)*

## ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୯।୬

ନ୍ୟୁଜ୍ ବ୍ୟୁରୋ

ଉପକୂଳ ସହ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଆଗାମୀ ୫ଦିନ ପର୍ଯ୍ୟନ୍ତ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ବିଜୁଳି, ଘଡଘଡି ସହ ମଧ୍ୟରୁ ପ୍ରବଳ ଧରଣ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାଳବୈଶାଖୀ ପ୍ରଭାବରେ ୫ ଜିଲ୍ଲାକୁ ଅରେଞ୍ଜ ଓ ୨୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଏହିସବୁ ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ବଜ୍ରପାତ ନେଇ ଆଲର୍ଟ ଜାରି କରାଯାଇଛି।



ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର ଓ ଭଦ୍ରକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟରୁ ମୌସୁମୀ ବର୍ଷା ଏକ ପ୍ରକାର ଉଭାନ ହୋଇଥିବାବେଳେ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଜୁନ୍ ୨୦୨୫ ମଙ୍ଗଳବାର





## ସୁନା, ନିଶାଦ୍ରବ୍ୟ ଚାଲାଣ ପାଇଁ ଆକାଶପଥ ନିରାପଦ

# ୪ ବର୍ଷରେ ୯୧କୋଟିର ସୁନା, ୨୧କୋଟିର ନିଶାଦ୍ରବ୍ୟ ଜବତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେତେବେଳେ କାର୍ଗୋରୁ ସୁନାଗହଣା ଆଉ କେତେବେଳେ ମଳଦ୍ୱାରରୁ ନିଶାଦ୍ରବ୍ୟ। ଗତ ୪ବର୍ଷ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ବିଦେଶରୁ ଏଭଳି ଢଙ୍ଗରେ ୧୧୦ କେଜି ସୁନାଗହଣା, ୨୧ କେଜି ମାରିଜୁଆନା ଜବତ ହୋଇଛି। କେବଳ ଏତିକି ନୁହେଁ, ଆକାଶପଥରେ ପଶୁପକ୍ଷୀଙ୍କ ନିଷିଦ୍ଧ ଅଙ୍ଗ ବିଦେଶକୁ ପଠାଯାଉଛି। ସବୁଠାରୁ କଡ଼ା ସୁରକ୍ଷା ବଳୟରେ ରହୁଥିବା ବିମାନଯାତ୍ରାକୁ ଅନାୟାସରେ ଅପରାଧୀ ବ୍ୟବହାର କରୁଛନ୍ତି। କେତୋଟି ହାତଗଣତି ମାମଲା ଧରାପଡୁଥିବା ବେଳେ ଅଧିକାଂଶରେ ଅପରାଧୀ ସଫଳ ହେଉଛି। ବିମାନବନ୍ଦରରେ ଦେଇ କୌଣସି ଆପତ୍ତିଜନକ ଜିନିଷ ଯିବା କାଠିକର ପାଠ। ହେଲେ ମାଫିଆମାନେ



ପୁଲିସକୁ ଚକ୍‌ମା ଦେଇପାରୁଛନ୍ତି। ମେଟାଲ୍ ଡିଟେକ୍ଟର, ସ୍କାନର ସବୁ ଫେଲ୍ ମାରୁଛି। ଅପରାଧୀ କିଭଳି ଏତେ ସାହସ କରୁଛନ୍ତି ? କିଏ ଏମାନଙ୍କୁ ସୁରକ୍ଷା ଯୋଗାଉଛି ? ଚଳିତ ବର୍ଷ ଆରମ୍ଭରୁ ବିମାନବନ୍ଦରରୁ ୩ ଥରରେ ୨୧କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଥିଲା। ବଡ଼କଥା ହେଲା ଯେ ଏହି ମାରିଜୁଆନା ଚାଲାଣର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଛି। ଗତ ଜାନୁଆରୀ ୧୮ ତାରିଖରେ ପୁଣି ଜଣେ ଯୁବକ ବ୍ୟାଙ୍କକ୍‌ରୁ ୭କୋଟିର ମାରିଜୁଆନା ନେଇ ଆସୁଥିବା ବେଳେ ଧରାପଡ଼ିଥିଲା। ଗତ ୧୫ ତାରିଖରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ କଷ୍ଟମସ୍ ବିଭାଗ ମିଳିତ ଚଢ଼ଉ କରି ୪କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲେ। ଗତ ମାସ ୪ ତାରିଖରେ କ୍ୱାଲାଲୁମ୍ପୁରରୁ ୧୦କୋଟି ମୂଲ୍ୟର ୧୦ କେଜି ମାରିଜୁଆନା ଧରି ଆସୁଥିବା ବେଳେ ୨ ବଙ୍ଗୀୟ ମହିଳା ଧରାପଡ଼ିଥିଲେ। ୨୦୨୪ ଅଗଷ୍ଟ ୨୮ରେ ଭୁବନେଶ୍ୱର ବିମାନବନ୍ଦରରୁ ୮୭ କେଜି ସୁନା ଓ ୨୦୦ କେଜି ରୁପା ଜବତ ହୋଇଥିଲା। ଯାହାର ମୂଲ୍ୟ ୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ନିୟୁଜ୍ ଏୟାର ସର୍ଭିସ ଲଜିଷ୍ଟିକ୍‌ସର ଦୁଇଟି ଗାଡ଼ିରେ ୧୦ଟି ଟ୍ରଙ୍କ୍‌ରେ ଏହି ସୁନା ଓ ରୁପା ଚାଲାଣ ହେଉଥିବା ବେଳେ ଧରାପଡ଼ିଥିଲା। ଗତବର୍ଷ ୮ ମେ'ରେ ଦୁବାଇରୁ ଭୁବନେଶ୍ୱର ଆସିଥିବା ୪ ଜଣ ଯାତ୍ରୀଙ୍କ ଠାରୁ ୩.୭୭ କେଜି ସୁନା ଜବତ କରାଯାଇଥିଲା। ଯାହାର ମୂଲ୍ୟ ୨ କୋଟି ୭୯ ଲକ୍ଷ ଟଙ୍କା ହେବ। କୌତୁହଳପ୍ରଦ କଥା ହେଉଛି, ସୁନାକୁ ସେମାନେ କ୍ୟାପସୁଲ ମାଧ୍ୟମରେ ନିଜ ମଳଦ୍ୱାରରେ ଦୁବାଇରୁ ଆଣୁଥିଲେ। ଏପ୍ରିଲ୍ ୧୯ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ମୁମ୍ବାଇ ଚାଲାଣ ବେଳେ ୩.୮କେଜି ଓଜନର ସୁନା ଜବତ ହୋଇଥିଲା। ଜବତ ସୁନାର ମୂଲ୍ୟ ୨.୫ କୋଟିରୁ ଊର୍ଦ୍ଧ୍ୱ ହେବ। ଏପ୍ରିଲ୍ ୧୭ରେ ମହାରାଷ୍ଟ୍ରର ଜଣେ କୁଖ୍ୟାତ ସୁନା ସ୍ମଗଲର ଠାରୁ ୧କେଜି ସୁନା ଜବତ ହୋଇଥିଲା। ଏହି କେଜିଏ ସୁନା ମଧ୍ୟ ମଳଦ୍ୱାରରୁ ମିଳିଥିଲା। ୨୦୨୩ ମସିହାରେ ୨.୧୮କୋଟି ମୂଲ୍ୟର ୩.୫୩ କେଜି ସୁନା, ୨୦୨୨ରେ ୨କେଜି ସୁନା ଓ ୨୦୧୯ରେ ୧୨.୯୩ କେଜି ସୁନା ଜବତ ହୋଇଥିଲା।

# ଆଦିବାସୀଙ୍କୁ ରୋଜଗାର ଯୋଗାଉଛି ଜଙ୍ଗଲି କୋଳି

**ଜୟପୁର, ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲାର ଜଙ୍ଗଲ ତଳି ଓ ଜଙ୍ଗଲ ଘେରା ଅଞ୍ଚଳରେ ବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ଲୋକେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ସେମାନଙ୍କ ଜୀବିକଜୀବିକା ନିର୍ବାହ କରିଥାନ୍ତି। ଯାହାକି ମଣିଷ ସମାଜ ଆଦ୍ୟରୁ ଜଙ୍ଗଲ ଉପରେ ନିର୍ଭର କରି ଆସୁଥିବା ବେଳେ କୃଷି ଓ ପଶୁପାଳନ କରି ବଞ୍ଚି ଆସୁଛି । ସେମାନଙ୍କ ସାମାଜିକ, ସାଂସ୍କୃତିକ ଜୀବନ ପ୍ରବାହିତ ସହିତ ଲଘୁ ବନଜାତ ଦ୍ରବ୍ୟ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଏମାନେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ବର୍ଷର ଛଅ ମାସ ଜୀବିକା ନିର୍ବାହ କରିଥାନ୍ତି । ଫଳ, କୋଳି, କନ୍ଦା ମଧ୍ୟରେ କେନ୍ଦୁ, ହରିଡା, ବାହାଡା, ସାହାଡ଼ା, ଅଁଳା, ଚାଆଁର, କୁସୁମ, ତେନ୍ତୁଳି, ଟୋଲ, ତେନ୍ତୁଳି, ଆମ୍ବ ଟାକୁଆ, ଲାଖ ଝୁଣା, ମହୁ ଆଦି ବନାଞ୍ଚଳବାସୀଙ୍କ ଜୀବିକା ନିର୍ବାହର ପ୍ରଧାନ ପନ୍ଥା ରହି ଆସିଛି । ବିଶେଷ କରି ଗ୍ରୀଷ୍ମରେ କୋରାପୁଟ ଜିଲାର ବୈପାରିଗୁଡା, ଜୟପୁର, ବୋରିଗୁମ୍ମା, କୋଟପାଡ, ଲମତାପୁଟ, ପଟାଙ୍ଗି, ନାରାୟଣପାଟଣା, ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଲୋକେ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ଆଦି ବ୍ଲକ ଜଙ୍ଗଲଘେରା ଅଞ୍ଚଳ ରହିଥିବାରୁ ବିଭିନ୍ନ ପ୍ରକାର ଲଘୁ ବନଜାତ ଦ୍ରବ୍ୟ ଲୋକେ ସଂଗ୍ରହ କରି ଅର୍ଥ ରୋଜଗାର କରୁଛନ୍ତି। ସମୟ କ୍ରମେ ଜଙ୍ଗଲ ହ୍ରାସ ଯୋଗୁଁ ଏ ସବୁ ଉତ୍ପାଦନ ହାର ପାତାଳକୁ ଖସିଛି । ପୂର୍ବଭଳି ଆଉ ଲଘୁ ବନଜାତ ଦ୍ରବ୍ୟ ମିଳୁନଥିବା କହିଛନ୍ତି ଅଞ୍ଚଳବାସୀ । ବର୍ତ୍ତମାନ ସ୍ଥିତିରେ ଚାଆଁର ସହ ବିଭିନ୍ନ ପ୍ରଜାତିର କୋଳି ସଂଗ୍ରହ ଚାଲିଥିବା ବେଳେ କିଲୋ ପ୍ରତି ୩ ଶହ ଟଙ୍କା ଦରରେ ସ୍ଥାନୀୟ ବେପାରୀ ନିକଟରେ ଲୋକେ ବିକ୍ରୟ କରୁଛନ୍ତି । ରାଜ୍ୟ ସରକାର ଲଘୁ ବନଜାତ ଦ୍ରବ୍ୟ କ୍ରୟ ଏବଂ ଏମଏସପିରେ ଲୋକେ ବିକ୍ରୟ ପାଇଁ ଲାଭ ଯୋଜନା ଲାଗୁ ହୋଇଛି । ଏଫ୍‌ଏକ୍ୟୁ ଗୁଣବତା ଥିବା ଲଘୁ ବନଜାତ ଦ୍ରବ୍ୟ କ୍ରୟ କରିବାକୁ ଓଡ଼ିଶା ଜୀବିକା ମିଶନ ମହିଳା ଏମବିକେମାନଙ୍କ ସହଯୋଗ ଏବଂ ପରିଚାଳନାରେ ଏସଏଚଜିଙ୍କୁ କ୍ରୟ କରିବାକୁ ପ୍ରୋତ୍ସାହନ ଦିଆଯାଉଛି । ଏଥିପାଇଁ ରାଜ୍ୟ ସରକାର ରାଜ୍ୟ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ବିଭିନ୍ନ ଏଜେନ୍ସି ଏନ୍‌ଟିଏଫ୍‌ପି କ୍ରୟ କରୁଛନ୍ତି । ଅନ୍ୟପକ୍ଷରେ ଏସବୁ ଟିଡିସିସିକୁ ବିକ୍ରୟ କରିବାକୁ ପ୍ରାବଧାନ ରହିଛି । ସରକାରୀ କାଗଜପତ୍ରରେ କ୍ରୟ ବିକ୍ରୟ କେବଳ ଚାଲିଛି । ଉତ୍ପାଦିତ ଲଘୁ ବନଜାତ ଦ୍ରବ୍ୟ ବାହାର ବେପାରୀ ଲୋକଙ୍କ ଠାରୁ କମ୍ ମୂଲ୍ୟରେ କ୍ରୟ କରି ପ୍ରକୃତ ଲାଭ ସେମାନେ ପାଉଥିବା ବେଳେ ଭୋର ସକାଳୁ ୬ଟା ବେଳେ ଜଙ୍ଗଲକୁ ଯାଇ କଠିନ ପରିଶ୍ରମ କରି ଖରାରେ ସିଝି ଲଘୁ ବନଜାତ ଦ୍ରବ୍ୟ ଆଦି ସଂଗ୍ରହ କରି ଆଣି ବେପାରୀକୁ ଲାଭ ଦେଉଛନ୍ତି । ବିକ୍ରୟ ପାଇଁ ବଜାର ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସିଧାସଳଖ ଲାଭ ଲୋକେ ପାଇ ପାରନ୍ତେ । ଚାଆଁର କୋଳି ଖାଇବାକୁ ସ୍ୱାଦିଷ୍ଟ ଲାଗିଥାଏ । ଏହାର ମଞ୍ଜି ବିଭିନ୍ନ ରୋଗ ପାଇଁ ଔଷଧରେ ବ୍ୟବହାର ହୋଇଥାଏ । ବିଶେଷ କରି ହାଇ କୋଲେଷ୍ଟ୍ରୋଲ୍, କନ୍‌ଷ୍ଟିପେଶନ, ଇନ୍‌ସୋମାନିଆ, ଯକୃତ ସମ୍ବନ୍ଧୀୟ ରୋଗ ଜଣ୍ଡିସ ଓ ସ୍କିନ ରୋଗ ଆଦିରେ ଏହାର ମଞ୍ଜି ଔଷଧ ଉପାଦାନ ରୂପେ ବ୍ୟବହାର ହୋଇଥାଏ ।

# ନୂଆ ଟେକ୍ ପାର୍କ ସ୍ଥାପନ କରିବ ଓଡ଼ିଶା

## ଡମଣା ଛକରେ ୨୫ ଏକର ମାଗିଲା ଆଇଟି ବିଭାଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଯୁକ୍ତି କ୍ଷେତ୍ରର ବହୁ ବଡ଼ ବଡ଼ କମ୍ପାନି ରାଜ୍ୟରେ ସେମାନଙ୍କ ୟୁନିଟ୍ ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନଙ୍କୁ ଏକ ଉପଯୁକ୍ତ ସ୍ଥାନ ଯୋଗାଇବା ଲାଗି ଡମଣା ଛକ ନିକଟରେ ଏକ ଟେକ୍ ପାର୍କ ସ୍ଥାପନ କରିବା ଉପରେ ରାଜ୍ୟ ସରକାର ବିଚାର କରୁଛନ୍ତି। ସେଥିପାଇଁ ୨୫ ଏକର ଜମି ଦେବାକୁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖାଯାଇଛି। ଆଇଟି ବିଭାଗ ଜଣାଇଛି ଯେ ଭୁବନେଶ୍ୱର ଆଇଟି, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେଉଥିବା ବେଳେ ଗୁଣାତ୍ମକ ସ୍ଥାନ ଯୋଗାଇ ଦିଆଗଲେ ତାହା ରାଜ୍ୟର ଆଇଟି ଅଭିବୃଦ୍ଧିକୁ ବଢ଼ାଇବ। ଏକ ଉତ୍ସର୍ଗୀକୃତ ବ୍ୟବସ୍ଥା ବିକାଶ କରାଗଲେ ତାହା ସ୍ଥାନାଭାବ ସମସ୍ୟାକୁ ଦୂର କରିପାରିବ। ଜମି ସମସ୍ୟାର ସମାଧାନ କରିବା ଲାଗି ପଟିଆ ପାଖରେ ଥିବା ୨୫ ଏକର ଜାଗା ଦେବାକୁ ଆଇଟି ବିଭାଗ ଅନୁରୋଧ କରିଛି। ସେହି ଜମି ପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ଆବଣ୍ଟନ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେଠାରେ କୌଣସି କାମ ହୋଇନାହିଁ। ଇନ୍‌ଫୋଭାଲି ଅଞ୍ଚଳରେ ଥିବା ଖାଲି ଜାଗାକୁ ଅଣ ସୂଚନା ପ୍ରଯୁକ୍ତି କ୍ଷେତ୍ରର କମ୍ପାନିଗୁଡ଼ିକୁ ଆବଣ୍ଟନ କରାଯିବାକୁ ନେଇ ଆଇଟି ବିଭାଗ ଅସନ୍ତୋଷ ଜାହିର କରିଥିଲା। ଯେଉଁମାନେ ଜମି ନେଇ ଦୀର୍ଘଦିନ ଧରି କିଛି କାମ କରୁନାହାନ୍ତି, ସେମାନଙ୍କ ଆବଣ୍ଟନ ବାତିଲ କରିବା ଏବଂ ଖାଲି ଜାଗାକୁ କେବଳ ଆଇଟି ଓ ତତ୍ ସଂକ୍ରାନ୍ତୀୟ କମ୍ପାନିଗୁଡ଼ିକୁ ଆବଣ୍ଟନ କରିବାକୁ ବିଭାଗ ଦାବି କରିଥିଲା। ଇତି ମଧ୍ୟରେ ରାଜ୍ୟ ସରକାର ଦେଶ ବିଦେଶର ବହୁ ଆଇଟି, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର,



ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମାନୁଫାକ୍‌ଚରିଂ (ଇଏସ୍‌ଡିଏମ୍) ନିବେଶ ହାସଲ କରିଛି। ସେମାନଙ୍କ ପାଇଁ ଗୁଣାତ୍ମକ ଆଇଟି ପାର୍କ ବିକାଶ ଏବେ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସରକାର ଜାଗା ଦେଇପାରୁ ନଥିବାରୁ ଡେଲଏଟ୍, କଗ୍ନିଜାଣ୍ଟ ଓ କନସେଣ୍ଟ୍ରିକ୍ସ ଭଳି ସଂସ୍ଥା ଭଡ଼ାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି। ନିକଟରେ ଶେଷ ହୋଇଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ରାଜ୍ୟ ସରକାର ଆଇଟି, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। କିନ୍ତୁ ପୁଞ୍ଜିନିବେଶ ଘୋଷଣା କରିଥିବା କିନ୍ତୁ ବାସ୍ତବତା ହେଉଛି ସିକ୍‌ସେମ୍, ଆରଆଇଆର ପାୱାର ଓ ହେଟେରୋଜିନିଅସ୍ ଭଳି କମ୍ପାନି ଏବେବି ଜମି ଆବଣ୍ଟନ ଅପେକ୍ଷାରେ ରହିଛନ୍ତି। ଜୋରୋ, ଏମ୍‌ଭି ଫଟୋଭୋଲ୍‌ଟାଇକ୍ ପାୱାର, କାଏନିସ୍ ଭଳି କମ୍ପାନି ରାଜ୍ୟରେ ନିବେଶ କରିବାକୁ ଚାହୁଁଛନ୍ତି।

# ଶେଷନିଶ୍ୱାସ ଅପେକ୍ଷାରେ ବୃଦ୍ଧ ଜଗା: ବନ୍ଦ ହୋଇଯିବ କି ବବୁନ୍ ବଂଶବୃଦ୍ଧି !

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

୧୯୯୩ ମସିହା ପରଠୁ ବବୁନ୍ ଜଗା ଓ ତା'ର ପରିବାର ଥିଲା ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ। ଏହି ବିରଳ ପ୍ରଜାତିର ମାଙ୍କଡ଼ଙ୍କୁ ନ ଦେଖିଲେ ନନ୍ଦନକାନନ ଭ୍ରମଣ ଅଧୁରା ବୋଲି ବିଚାର କରାଯାଉଥିଲା। କିନ୍ତୁ ଆଜି ସେଦିନ ନାହିଁ। ବୃଦ୍ଧାବସ୍ଥାରେ ପହଞ୍ଚିସାରିଥିବା ୩୬ ବର୍ଷୀୟ ଜଗା ଶେଷ ନିଶ୍ୱାସ ଅପେକ୍ଷାରେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ପୀଡ଼ିତ ଜଗା ଏବେ ପ୍ରତି କ୍ଷଣ ମୃତ୍ୟୁ ସହ ଯୁଝୁଛି। ଖୁବ୍ ଶୀଘ୍ର ସେ ଆଖି ବୁଜିବ। ମାତ୍ର ପରିତାପର କଥା ଜଗା ମରିବା ପରେ ନନ୍ଦନକାନନ ବବୁନ୍ ବଂଶବୃଦ୍ଧିର ଭବିଷ୍ୟତ ବିପଦରେ ପଡ଼ିବା ଆଶଙ୍କା ରହିଛି। କାରଣ ଏବେ ନନ୍ଦନକାନନରେ ଜଗା ସହ ରହିଛି ଏକମାତ୍ର ମାଈ ବବୁନ୍। ଏମିତିରେ ବୟସର ତାରତମ୍ୟ ହେତୁ ଜଗା ଓ ମାଈ ବବୁନ୍‌ର ମିଳନ ସମ୍ଭବ ନଥିଲା। ତେଣୁ ବେଶ୍ କିଛି ଦିନ ହେଲା ନନ୍ଦନକାନନରେ ବବୁନ୍ ଖୁଆଡ଼ରେ ନୂଆ ଅତିଥି ଦେଖା ନଥିଲେ। ଏବେ



ଜଗା ଠିକ୍ ଭାବରେ ଖାଦ୍ୟ ପାନୀୟ ଗ୍ରହଣ କରିପାରୁ ନାହିଁ। ପ୍ରାଣୀ ଚିକିତ୍ସକ ଓ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ରହିଛି ଏବଂ ସେମାନେ ତା'ର ଯତ୍ନ ନେଉଛନ୍ତି। ତାକୁ ନିୟମିତ ଏନ୍‌ଜାଇମ୍, ଭିଟାମିନ୍ ଆଦି ଦିଆଯାଉଛି। ବଞ୍ଚିରହିଥିଲେ ହେଁ ତା'ର ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ଦେଖାଯାଉନାହିଁ। ପ୍ରାଣୀବିଜ୍ଞାନୀଙ୍କ ମତରେ ବବୁନ୍‌ମାନେ ସାଧାରଣତଃ ୩୫ରୁ ୪୦ ବର୍ଷ ବଞ୍ଚନ୍ତି। ଜଗାକୁ ଏବେ ୩୬ ବର୍ଷ। ତେଣୁ ସେ ବାର୍ଦ୍ଧକ୍ୟର ଶେଷ ସୀମାରେ ପହଞ୍ଚିସାରିଲାଣି। ଆଉ ବେଶି ଦିନ ବଞ୍ଚିବା ସମ୍ଭବ ନୁହେଁ। ସୂଚନାଯୋଗ୍ୟ ଯେ ୧୯୯୩ ମସିହାରେ ମାଡ୍ରାସ ଚିଡ଼ିଆଖାନାରୁ ୪ ବବୁନ୍‌ଙ୍କୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା ଏବଂ ବଂଶବୃଦ୍ଧି ଯୋଜନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଯୋଜନା ମଧ୍ୟ ସଫଳ ହେଲା। ୨୦୦୬ ମସିହାରେ ଜଗା ଗୋଟିଏ ଅଣ୍ଡିରା ବବୁନ୍‌କୁ ଆକ୍ରମଣ କରି ମାରିଦେଇଥିଲା। ସେହି ବର୍ଷ ତା' ସହ ମିଳନରୁ ଏକ ମାଈ ବବୁନ୍ ୨ଟି ଶାବକ ଜନ୍ମ ଦେଇଥିଲା। କିନ୍ତୁ ମା' ବବୁନ୍ ଜନ୍ମ ପରବର୍ତ୍ତୀ ଯତ୍ନ ନ ନେବାରୁ ନବଜାତ ଶାବକଦ୍ୱୟଙ୍କର ମୃତ୍ୟୁ ହୋଇଯାଇଥିଲା। ୨୦୦୭ ଓ ୨୦୦୮ ମସିହାରେ ଜଗା ଔରସରୁ ଆଉ ୨ଟି ଶାବକ ଜନ୍ମଲାଭ କରିଥିଲେ। ୨୦୧୦ରେ ଜଗା ଏକ ୨ ବର୍ଷର ମାଈ ବବୁନ୍‌କୁ ଆକ୍ରମଣ କରି ମାରି ଦେଇଥିଲା। ପରେପରେ ମା' ବବୁନ୍‌ଟି ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ମାଈ ବବୁନ୍‌ର ମୃତ୍ୟୁ ପରେ ଜଗା ଅନ୍ୟମାନଙ୍କ ପ୍ରତି ଅଧିକ ଆକ୍ରମଣାତ୍ମକ ହୋଇଉଠିଥିଲା। ତେଣୁ ସେବେଠୁ ବଞ୍ଚିଥିବା ମାଈ ବବୁନ୍‌କୁ ଜଗାଠାରୁ ଦୂରେଇ ରଖାଯାଇଛି। ଜଗାକୁ ୩୬ ହୋଇଥିବା ବେଳେ ମାଈ ବବୁନ୍‌କୁ ୧୮ ବର୍ଷ ବୟସ। ବୟସରେ ଏତେ ପାର୍ଥକ୍ୟ ହେତୁ ଜଗା ସହ ତା'ର ମିଳନ ସମ୍ଭବ ହୋଇନାହିଁ। ତେଣୁ ୨୦୦୮ ମସିହା ପରଠୁ ନନ୍ଦନକାନନରେ ବବୁନ୍ ବଂଶରେ ନବଜାତ ନାହିଁ। ନୂଆ ଖୁଆଡ଼ ନିର୍ମାଣ କରିବା ଲକ୍ଷ୍ୟରେ ନନ୍ଦନକାନନ କର୍ତ୍ତୃପକ୍ଷ ସେମାନଙ୍କୁ ୪ ବର୍ଷ ହେଲା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅଲଗା କରି ରଖିଆସିଛନ୍ତି। ତେଣୁ ପର୍ଯ୍ୟଟକମାନେ ସେମାନଙ୍କୁ ଦେଖିବା ଅବକାଶ ପାଇନାହାନ୍ତି।

# ଟ୍ରାଫିକ୍ ପୁଲିସର ଅମାନବିକତା: କୁନି ଝିଅକୁ କାର୍‌ରେ ବନ୍ଦୀ କରି ରଖିଲେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥା ପୂରା ହୁଗୁଳିଯାଇଛି। ସହରବାସୀ ତ୍ରାହି ତ୍ରାହି ଡାକିଲେଣି। ଲୋକଙ୍କ ଦୃଷ୍ଟି ହଟାଇବାକୁ ସହରରେ ବ୍ଲକିଂ ଚେକିଂ କରାଯାଇଛି। ଏହାରି ଭିତରେ ଟ୍ରାଫିକ୍ ପୁଲିସର ଅମାନବୀୟ ଆଚରଣ ବି ଦେଖିବାକୁ ମିଳୁଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଡ୍ରାଇଭରଙ୍କ ଉପରେ ଦାଉ ସାଧିବାକୁ ଯାଇ ଜଣେ କୁନି ଝିଅଙ୍କୁ କାର୍ ଭିତରେ ବନ୍ଦୀ ରହିବାକୁ ଟ୍ରାଫିକ୍ ପୁଲିସ୍ ବାଧ୍ୟ କରିଛି। ଝିଅର ଅଭିଭାବକ ଏହି ଅଭାବନୀୟ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ 'ଏକ୍ସ'ରେ ଜଣାଇଛନ୍ତି। ମଙ୍ଗଳବାର ଦିନ ପାଖାପାଖି ସାଢ଼େ ୧୦ଟା ବେଳେ ଏଜି ଛକରେ ଏକ କାର ୟୁ-ଟର୍ଣ୍ଣ ନେଇଥିଲା। ଏଜି ଛକରେ ଜଗି ରହିଥିବା ଟ୍ରାଫିକ୍ ପୁଲିସ ଗାଡ଼ିକୁ ଅଟକାଇ ଚାଳକଙ୍କ ଭୁଲ୍ ପାଇଁ ଜରିମାନା ଧାର୍ଯ୍ୟ କରିଦେଲେ। ମାତ୍ର ଚାଳକଙ୍କ ପାଖରେ ଟଙ୍କା ନଥିଲା। ତେଣୁ ସେ ଇ-ଚାଲାଣ କାଟିଦେବାକୁ ସେ




ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ଜରିମାନା ବାବଦ ଅର୍ଥ ନଗଦ ଆକାରରେ ନଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ପୁଲିସ କର୍ମଚାରୀ ରୋକ୍‌ଠୋକ ଶୁଣାଇଦେଲେ। ସ୍କୁଲ୍‌ରୁ ପିଲାଟି ଫେରୁଛି ଏବଂ ତାକୁ ଜୋରରେ ଭୋକ ହେଲାଣି ବୋଲି କହି ଚାଳକ ଛାଡ଼ିଦେବାକୁ ନେହୁରା ହୋଇଥିଲେ। କିନ୍ତୁ ନିର୍ଦ୍ଦୟ ଟ୍ରାଫିକ୍ ପୁଲିସ କାର୍‌କୁ ନେଇ ଟ୍ରାଫିକ୍ ଥାନା-୧ ପରିସରରେ ରଖିଦେଲେ। ପିଲାଟି ସେମିତି ଭୟଭୀତ ଅବସ୍ଥାରେ କାର୍ ଭିତରେ ବସି କାନ୍ଦୁଥାଏ। ପିଲାଟିକୁ କେହି ବି ପାଣି ଗିଲାସେ ବଢ଼ାଇ ଦେଇନଥିଲେ କି ତାକୁ ବୁଝାସୁଝା କରିବାକୁ ମହିଳା ପୁଲିସ୍ ବି ନଥିଲେ। ଯେମିତି ପୁଲିସ୍ ସର୍ବନିମ୍ନ ସମ୍ବେଦନଶୀଳତା ଭୁଲିଯାଇଥିଲା। ଖବର ପାଇ କୁନି ଝିଅର ମାଆ ଥାନାରେ ପହଞ୍ଚିବା ବେଳକୁ ଅଧ ଘଣ୍ଟାରୁ ଅଧିକ ସମୟ ବିତିସାରିଥିଲା। ଇ-ଚାଲାଣ କରିବାରେ କ'ଣ ଅସୁବିଧା ଥିଲା ବୋଲି ସେ ପୁଲିସ୍‌କୁ ପଚାରିଥିଲେ। କିନ୍ତୁ ନିଜର ଭୁଲ୍ ମାନିବାକୁ ଅପ୍ରସ୍ତୁତ ଥିବା ପୁଲିସ୍ ଅଧିକାରୀ ତାଙ୍କୁ ପାଲଟା ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। କୁନି ଝିଅକୁ ମୁକୁଳାଇବା ଅଭିଭାବକଙ୍କ ମୁଖ୍ୟ କାମ ଥିଲା। ତେଣୁ ସେ ଥାନା ଅଧିକାରୀଙ୍କ ନାମରେ ପଞ୍ଜୀକୃତ ବାର କୋଡ୍‌ରେ ଜରିମାନା ପଇଠ କରି ଫେରିଥିଲେ। ଏଜି ଛକରେ 'ୟୁ ଟର୍ଣ୍ଣ ମନା' ବୋଲି କୌଣସି ସ୍ଥାନରେ ବୋର୍ଡ ମରାଯାଇ ନାହିଁ। କିନ୍ତୁ ୟୁ ଟର୍ଣ୍ଣ ନେଲେ ପୁଲିସ ହଠାତ ମାଡ଼ି ବସୁଛି। ଏ ନେଇ ନିୟମିତ ଅଭିଯୋଗ ହେଉଥିଲେ ବି ସେଠାରେ ବୋର୍ଡ ଲଗାଯାଉ ନାହିଁ। ପୁଣି ଇ-ଚାଲାଣ ବ୍ୟବସ୍ଥା ଲାଗୁ କରିବାକୁ ସରକାର ବାରମ୍ବାର କହୁଥିଲା ବେଳେ ଟ୍ରାଫିକ୍ ପୁଲିସ କାହିଁକି ପଛଘୁଞ୍ଚା ଦେଉଛି, ତାହା ବୁଝାପଡୁନି।

# ଚାକିରି ନାମରେ ୧୯ ଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ

**ଡାବୁଗାଁ/ ପାପଡାହାଣ୍ଡି, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଂଚଳରେ ଚାଞ୍ଚଲ୍ୟ। ୧୯ ଜଣ ନିରୀହ ଆଦିବାସୀ ଯୁବକଙ୍କୁ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ଦେବି କହି ଜଣେ ଦଲାଲ ଲକ୍ଷାଧିକ ଟଙ୍କା ଠକେଇ କରିଛି। ଏ ନେଇ ଆଜି ଠକାମୀର ଶିକାର ହୋଇଥିବା କିଛି ଯୁବକ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାରେ ଅଭିଯୋଗ ଅନୁଯାଇ ପାପଡାହାଣ୍ଡି ବ୍ଲକ ପାତ୍ରି ପଞ୍ଚାୟତ ଅନ୍ତର୍ଗତ ଖରକିଆ ଗୁଡା ଗ୍ରାମର ପ୍ରଦୀପ କୁମାର ନାୟକ (୨୮) ଡାବୁଗାଁ ଥାନା ଅଞ୍ଚଳ ଜଟାବାଲ, କୋଡ଼ିଙ୍ଗା ଥାନା ଅଞ୍ଚଳ ସହ ଅନ୍ୟ ଅଞ୍ଚଳର ୧୯ ଜଣ ଆଦିବାସୀ ଯୁବକଙ୍କୁ ୨୦୨୪ ଅକ୍ଟୋବର ମାସରେ ମେଡିକାଲରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି କରାଇ ଦେବି




କହିଥିଲେ। ଏଥି ପାଇଁ ସେ ଜଣକା ୩୦ ହଜାର ଟଙ୍କା ଦେବାକୁ କହିଥିଲେ। ପ୍ରଦୀପ ନାୟକ ଅଞ୍ଚଳର ଜଣେ ଜଣାଶୁଣା ଯୁବକ ହୋଇଥିବାରୁ ଚାକିରି ପାଇବା ଆଶାରେ ୧୯ ଜଣ ଯୁବକ ୩୦ ହଜାର ଟଙ୍କା ଲେଖାଏ ଦେଇଥିଲେ। ଗତ ଅକ୍ଟୋବର ମାସରେ ଯୁବକମାନଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଦୀପ ଭୁବନେଶ୍ୱରର ଏକ ଅଜଣା ସ୍ଥାନକୁ ନେଇ ଦସ୍ତଖତ କରାଇଥିଲେ। ମାତ୍ର ୧୫ ଦିନ ମଧ୍ୟରେ ସମସ୍ତେ ସିକ୍ୟୁରିଟି ଗାର୍ଡରେ ନିଯୁକ୍ତି ପାଇବ ବୋଲି କହିବା ପରେ ସମସ୍ତେ ଭୁବନେଶ୍ୱରରୁ ନବରଙ୍ଗପୁର ଫେରି ଆସିଥିଲେ। ତେବେ ଇତି ମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଯୁବକ ମାନଙ୍କୁ କୌଣସି ନିଯୁକ୍ତି ପତ୍ର ନ ମିଳିବାରୁ ବାରମ୍ବାର ପ୍ରଦୀପ ନାୟକ କୁ ଅଭିଯୋଗ କରିଥିଲେ।

# ଭୁବନେଶ୍ୱରରେ ଟ୍ରାଫିକ୍ ମୁକାବିଲା ପାଇଁ ଯୋଜନା: ଫ୍ଲାଏଓଭର ଉପରେ ଚାଲିବ ମେଟ୍ରୋ


**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ସହର ଚାରିପାଖରେ ୩ଟି ରିଙ୍ଗରୋଡ୍ ସହ ଦୁଇଟି ଏଲିଭେଟେଡ୍ କରିଡର ନିର୍ମାଣ କରାଯିବ। ଏଥିସହ ଏଜି ଛକରେ ଏକ ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ ହେବ। ପାଖାପାଖି ୭ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ଶେଷ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ସହରରେ ବଢୁଥିବା ଜନସଂଖ୍ୟାକୁ ନଜରରେ ରଖି ଆସନ୍ତା ୫୦ ବର୍ଷ ପାଇଁ ରୂପରେଖ ପ୍ରସ୍ତୁତ କରିଛନ୍ତି। ଭୁବନେଶ୍ୱରରୁ କଟକ ସଂଯୋଗ କରୁଥିବା ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାକୁ ଏଲିଭେଟେଡ୍ କରିଡର କରାଯିବ। ତିନି ଥାକିଆ ହେବାକୁ ଥିବା ଏହି ରାସ୍ତାରେ ସବୁଠୁ ଉପରେ ମେଟ୍ରୋ ଟ୍ରାକ୍ ରହିବ। ତା' ତଳକୁ ଗାଡ଼ି ଚଳାଚଳ ପାଇଁ ଫ୍ଲାଏଓଭର ନିର୍ମାଣ ହେବ। ଆଉ ଫ୍ଲାଏଓଭର ତଳେ ରହିବ ରାସ୍ତା। ମେଟ୍ରୋ ପ୍ରକଳ୍ପ ଅଧୀନ ଜୟଦେବବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ନେଇ ଏମିତି ଯୋଜନା ହୋଇଛି। ନୂଆ ପରିକଳ୍ପନା ଅନୁସାରେ ରାସ୍ତାଠାରୁ ପ୍ରାୟ ୮ ମିଟର ତଥା ୨୬.୨୪ ଫୁଟ୍ ଉପରେ ରହିବ ଫ୍ଲାଏଓଭର। ତା' ଉପରେ ନିର୍ମାଣ ହେବ ମେଟ୍ରୋ ଟ୍ରାକ୍। ଅର୍ଥାତ୍ ମାଟିରୁ ୧୪ ମିଟର ତଥା ୪୬ ଫୁଟ୍ ଉପରେ ମେଟ୍ରୋ ଟ୍ରାକ୍ ରହିବ। ଫ୍ଲାଏଓଭର ୪ ନ ହେଲେ ୬ ଲେନ୍ ବିଶିଷ୍ଟ ହେବ। ଫଳରେ ତଳେ ଯେତିକି ଗାଡ଼ି ଚାଲିବ, ଉପରେ ମଧ୍ୟ ସେତିକି ଯିବ। ଯେଉଁଠି ବଡ଼ ବଡ଼ ଛକ ଅଛି ସେଠି ଏସ୍‌କେପ ୱେ ରହିବ। ଯେଉଁମାନେ ଉପରେ ଯାତାୟାତ କରୁଥିବେ ସେମାନେ ତଳକୁ ଓହ୍ଲାଇବାକୁ କୌଣସି ଅସୁବିଧା ହେବ ନାହିଁ। ୨୦୨୭-୨୮ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ସହ ଭୁବନେଶ୍ୱରର ଲାଇଫ୍‌ଲାଇନ ପାଲଟିବ ବୋଲି ପୂର୍ତ୍ତ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହୁରି କହିଛନ୍ତି ଯେ ବର୍ତ୍ତମାନ ଜୟଦେବବିହାର-ନନ୍ଦନକାନନ ତଳ ରାସ୍ତା ସମ୍ପ୍ରସାରଣ କଲେ ବହୁତ ଲୋକଙ୍କୁ ରାସ୍ତାପାର୍ଶ୍ୱରୁ ହଟାଇବାକୁ ହେବ। ରାସ୍ତାପାର୍ଶ୍ୱରେ ଥିବା ହଜାର ହଜାର ଗଛ ମଧ୍ୟ କାଟିବାକୁ ପଡ଼ିବ। ତେଣୁ ଏହି କରିଡ଼ରର ଯୋଜନା ହୋଇଛି।

# ଜାତୀୟ ରାଜପଥ ବିକାଶ ପାଇଁ କେରଳଠାରୁ ବି କମ୍ ପାଉଛି ଓଡ଼ିଶା

**ନୂଆଦିଲ୍ଲୀ,**

କମ୍ ଟଙ୍କା, ଧୀମା କାମ । ମିଳୁଥିବା କମ୍ ଟଙ୍କା ଶତ ପ୍ରତିଶତ ବି ଖର୍ଚ୍ଚ ହୋଇପାରୁନି। ବର୍ଷ ବର୍ଷ ଧରି ଚାଲୁଛି ଓଡ଼ିଶାରେ ଜାତୀୟ ରାଜପଥ ବିକାଶ। ଯେତେ ଅଭିଯୋଗ ହେଲେ ଶୁଣୁଛି କିଏ ? ଦେଖୁଛି କିଏ ? ପୂର୍ବ ଭାରତର ବିକାଶ ଇଞ୍ଜିନ ଓଡ଼ିଶା । ହେଲେ ଜାତୀୟ ରାଜପଥ ବିକାଶ ପାଇଁ କେରଳଠାରୁ କମ୍ ଟଙ୍କା ପାଉଛି ରାଜ୍ୟ। ୨୦୧୮-୧୯ରୁ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ଓଡ଼ିଶାକୁ ମିଳିଛି ମାତ୍ର ୧୭ ହଜାର ୨୯୬ କୋଟି ଟଙ୍କା । ଯେଉଁଠି କେରଳ ଭଳି ଛୋଟ ଆୟତନ ବିଶିଷ୍ଟ ରାଜ୍ୟ ପାଇଛି ୩୩ ହଜାର ୪୪୧ କୋଟି । ୭୯ ହଜାର ୧୭୩ କୋଟି ଟଙ୍କା ପାଇ ସବୁ



ରାଜ୍ୟଠୁ ଉପରେ ରହିଛି ଉତ୍ତରପ୍ରଦେଶ । ଦୁଇଦିନ ତଳେ ଓଡିଶାରେ ୧୪ଟି ରାଜପଥ ପ୍ରକଳ୍ପ କାମ ଆରମ୍ଭ ହୋଇନି ଓ ୨୦ଟି ଅଧପନ୍ତରିଆ ପଡ଼ିଥିବା ନେଇ ରାଜ୍ୟସଭାରେ ଉତ୍ତର ରଖିଥିଲେ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ । କେବେ ସରିବ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ କାମ ? ୨୦୨୨ରେ ସରିଥାନ୍ତା ଡୁବୁରି-ଚଣ୍ଡିଖୋଲ ସମ୍ପ୍ରସାରଣ କାମ । ହେଲାନି, ଆଉ କେତେବର୍ଷ ଲାଗିବ ତାହା ବି ଜଣାନାହିଁ । ୧୫ ବର୍ଷ ଧରି ଝୁଲୁଛି ଉପକୂଳ ଜାତୀୟ ରାଜପଥ। ଚୂଡ଼ାନ୍ତ ହୋଇପାରୁନି କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ଟେଣ୍ଡର ପ୍ରକ୍ରିୟା। ରାଜପଥର ବିକାଶ ନ ହେଲେ କେମିତି ଓଡ଼ିଶାର ବିକାଶ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ । କାମ ସରୁନି, କି କାମ କାହିଁକି ତ୍ୱରାନ୍ୱିତ ହେଉନି ତାକୁ ବି କେହି ତଦବିର କରୁନାହାନ୍ତି । କିପରି ଚାଲିଛି ଓଡ଼ିଶାରେ ଜାତୀୟ ରାଜପଥ କାମ ? ଗୋଟିଏ ପଟେ ବଜେଟ୍ କମ୍ ଦେଉଛନ୍ତି । ଅନ୍ୟପଟେ ଏ ବର୍ଷ ହେବ, ଏଲାଇନମେଣ୍ଟ ଚାଲିଛି । କାମ ଆରମ୍ଭ ହେବ, ହେଉଛି ସରିବ । ଏମିତି କହି କହି ପ୍ରଶାସନମାନେ ଓଡ଼ିଶାର ଜାତୀୟ ରାଜପଥ ବିକାଶ ନାଁରେ ନୂଆ ନୂଆ ଭେଳିକି ଦେଖାଇ ଚାଲିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ଯେଉଁ ପ୍ରକଳ୍ପର କାମ ଚାଲିଛି ତାକୁ ବି ନିୟମିତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାଞ୍ଚ କରୁନାହାନ୍ତି । ଏଭଳିକି ଅତୀତରେ ନିମ୍ନମାନର କାମ ଯୋଗୁ ବହୁ ଦୁର୍ଘଟଣା ଘଟିଥିବା ନଜିର ସାମ୍ନାକୁ ଆସିଛି। ବଜେଟରେ ଯଦି ରାଜ୍ୟ ପାଇଁ କମ ଅର୍ଥ ବ୍ୟୟ ବରାଦ ହେବ ତା'ହେଲେ କାମ ତ୍ୱରାନ୍ୱିତ ହେବ କିପରି ବୋଲି ଉଠିଛି ପ୍ରଶ୍ନ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଜୁନ୍ ୨୦୨୫ ମଙ୍ଗଳବାର





## କଟକ ଜିଲ୍ଲାରେ ମାସକରେ ୨୨ କୋଭିଡ୍ ପଜିଟିଭ୍ ଚିହ୍ନଟ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାରେ ମାସକ ଭିତରେ ୨୨ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହି ୨୨ ଜଣଙ୍କ ମଧ୍ୟରୁ ଏବେ ୫ ଜଣ ବିଭିନ୍ନ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ସମସ୍ତ ୨୨ ଆକ୍ରାନ୍ତ ଘରୋଇ ହସ୍ପିଟାଲ୍‌ରୁ ହିଁ ଚିହ୍ନଟ ହୋଇଥିବା କଟକ ସିଡ଼ିଏମ୍‌ଓ ପ୍ରଶାନ୍ତ ହୋତା ସୂଚନା ଦେଇଛନ୍ତି । ଅନ୍ୟ ୧୭ ଜଣ ସାମାନ୍ୟ ଥଣ୍ଡା, କାଶରେ ଆକ୍ରାନ୍ତ ଥିଲେ ଓ ସମସ୍ତେ ହୋମ୍ କ୍ୱାରେଣ୍ଟାଇନ୍‌ରେ ଥିବା ସିଡ଼ିଏମ୍‌ଓ ସୂଚନା ଦେଇଛନ୍ତି । ଥଣ୍ଡା, କାଶ ଭଳି ଲକ୍ଷଣ ଥିଲେ ଜନଗହଳି ସ୍ଥାନକୁ ନଯିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟରେ ବଢ଼ି ବଢ଼ି ଚାଲିଛି କରୋନା ସଂକ୍ରମିତଙ୍କ ସଂଖ୍ୟା । ପୁଣି ୭ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୧୨ ଜଣ ସୁସ୍ଥ ହୋଇସାରିଲେଣି । ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩୩ ରହିଛି । ସେପଟେ ଦେଶରେ ମଧ ବଢୁଛି କରୋନା ସଂକ୍ରମିତଙ୍କ ସଂଖ୍ୟା । ଏବେ ସୁଦ୍ଧା ୬ ହଜାର ପାର୍ ହେଲାଣି ପଜିଟିଭ୍ ସଂଖ୍ୟା । ଗତ ୨୪ ଘଣ୍ଟାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି ।

## ଗଳା କାଟି ସ୍ତ୍ରୀଙ୍କୁ ହତ୍ୟା:ସ୍ୱାମୀ ଫେରାର୍

**ପାରଳାଖେମୁଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗାଁର ଜଣେ ମହିଳାଙ୍କୁ ଗଳା କାଟି ହତ୍ୟା କରାଯାଇଛି । ମୃତ ମହିଳା ଜଣଙ୍କ ହେଲେ ମୋନିକା ପାଇକ । ଘଟଣାସ୍ଥଳରୁ ସ୍ୱାମୀ ନରେନ୍ଦ୍ର ପାଇକ ଫେରାର୍ ହୋଇଯାଇଥିବା ବେଳେ ଘରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତଦେହ ଘରେ ପଡ଼ିରହିଛି । ମୋନିକାଙ୍କୁ ନୂଆଗଡ଼ ବ୍ଲକ କେରେଡାଙ୍ଗ ଗାଁର ନରେନ୍ଦ୍ର ପ୍ରେମ ବିବାହ କରିଥଲେ । ସେହିଦିନ ଠାରୁ ନରେନ୍ଦ୍ର ଗାଇବାରେ ଶଶୁର ଘରେ ରହି ଆସୁଥିଲେ । ତେବେ ପରକୀୟା ପ୍ରୀତିକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା । ଭୋର୍ ସମୟରେ ନରେନ୍ଦ୍ରଙ୍କ ସ୍ତ୍ରୀ ମୋନିକାଙ୍କର ଗଳା କାଟି ହତ୍ୟା କରି ଫେରାର୍ ହୋଇଯାଇଛନ୍ତି । ବର୍ତ୍ତମାନ ଘରେ ମୋନିକାଙ୍କ ମା' ଏବଂ ୫ ବର୍ଷର ଝିଅ ରହିଛନ୍ତି । ଘଟଣାସ୍ଥଳରେ ସେରଙ୍ଗ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁସାରେ, ଗାଇବାର ଝିଅ ମୋନିକାଙ୍କୁ ନୂଆଗଡ଼ ବ୍ଲକ କେରେଡାଙ୍ଗ ଗାଁର ନରେନ୍ଦ୍ର ପ୍ରେମ ବିବାହ କରିଥଲେ । ସେହିଦିନ ଠାରୁ ନରେନ୍ଦ୍ର ଗାଇବାରେ ଶଶୁର ଘରେ ରହି ଆସୁଥିଲେ । ତେବେ ପରକୀୟା ପ୍ରୀତିକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା । ଭୋର୍ ସମୟରେ ନରେନ୍ଦ୍ରଙ୍କ ସ୍ତ୍ରୀ ମୋନିକାଙ୍କର ଗଳା କାଟି ହତ୍ୟା କରି ଫେରାର୍ ହୋଇଯାଇଛନ୍ତି । ବର୍ତ୍ତମାନ ଘରେ ମୋନିକାଙ୍କ ମା' ଏବଂ ୫ ବର୍ଷର ଝିଅ ରହିଛନ୍ତି । ଘଟଣାସ୍ଥଳରେ ସେରଙ୍ଗ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ମଣ୍ଡୁଆରେ ସ୍ୱଚ୍ଛତାକୁ ଉପହାସ:ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ତିନି କିଲୋମିଟର ଦୂରରେ ମୁଖ୍ୟ ରାସ୍ତା କଡ଼ରେ ରହିଛି ମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ । ଦୁଇଘର କୁଣିଆ ପରି ଉଭୟ କେନ୍ଦୁଝରଗଡ଼ ପୌରପାଳିକା ଓ ପଞ୍ଚାୟତର ଲାଭ ଉଠାଉଛି ଏହା ଅଧୀନରେ ଥିବା ମଣ୍ଡୁଆ ଗ୍ରାମ । ହେଲେ ଏହି ଗ୍ରାମ ସବୁବେଳେ ସ୍ୱଚ୍ଛତାରେ ଫେଲ୍ ମାରିଛି । ପ୍ରତି ମାସରେ ପଞ୍ଚାୟତର ସଫେଇ ପାଇଁ ସରକାରଙ୍କ ପଞ୍ଚାୟତ ପାଣ୍ଠିରୁ ଏହି ମଣ୍ଡୁଆ ପଞ୍ଚାୟତ ୫୦ ହଜାର ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ସ୍ୱଚ୍ଛସବାରୀ ଗାଡି ମାଧ୍ୟମରେ ଅଳିଆ ଆବର୍ଜନା ଉଠା ଯାଉଛି । ହେଲେ କେନ୍ଦୁଝରକୁ ଆସୁଥିବା ଆଗନ୍ତୁକ ପ୍ରଥମେ ଅସ୍ୱଚ୍ଛ ପରିବେଶ ମଧ୍ୟଦେଇ ଅସ୍ୱଚ୍ଛ



ଅନୁଭୂତି ପାଇବା ପରେ ଯାଇ କେନ୍ଦୁଝର ସହରକୁ ପ୍ରବେଶ କରୁଛନ୍ତି । ଏହା ଦିନେ କି ଦୁଇଦିନ ନୁହେଁ ବରଂ ସବୁ ସମୟରେ ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ପଚାଶ ମିଟର ଦୂରରେ ଥିବା ରାସ୍ତା ପାର୍ଶ୍ୱ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ସ୍ଥାନରେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଆରମ୍ଭକରି ସହରର ବ୍ୟବସାୟୀ ଓ ସାଧାରଣ ଲୋକେ ଆଣି ଆବର୍ଜନା ଫୋପାଡ଼ି ଚାଲି ଯାଇଥାନ୍ତି । ପଞ୍ଚାୟତ ପକ୍ଷରୁ ଏହି ସ୍ଥାନକୁ କେବେ ମଧ ସଫା କରାଯାଏନାହିଁ । ବରଂ କିଛି ସ୍ଥାନୀୟ ଲୋକେ ଆସି କିଛି ଦିନ ଅନ୍ତରାଳରେ ନିଆଁ ଲଗାଇ ପରିବେଶର ପ୍ରଦୂଷଣ କରିବାରେ ଲାଗିପଡନ୍ତି । ଏହି ସ୍ଥାନରେ ପଞ୍ଚାୟତ ପକ୍ଷରୁ କୌଣସି ସଚେତନତା ଫଳକ ମଧ ଲଗାଯାଇନାହିଁ । ତେବେ ପଞ୍ଚାୟତ ସଫା ରଖିବା ପାଇଁ ମାସକୁ ଖର୍ଚ୍ଚ ହେଉଥିବା ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି କେଉଁଠି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । କେନ୍ଦୁଝରଗଡ଼ ପୌରପାଳିକାର ସ୍ୱଚ୍ଛସବାରୀ ଗାଡି ଆବର୍ଜନା ଉଠାଉଥିବା ସତ୍ତ୍ୱେ କାହିଁକି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକେ ସେମାନଙ୍କ ଘରର ଅଳିଆ ଓ ଅଇଁଠା ଖାଦ୍ୟ ଆଣି ରାସ୍ତା ପାର୍ଶ୍ୱରେ ବଡ ବଡ ପଲିଥିନ୍ ଭିତରେ ଭର୍ତ୍ତିକରି ଫୋପାଡ଼ି ଦେଉଛନ୍ତି । ଏଥିପାଇଁ ନା କିଛି ସଚେତନତା ନା ହେଉଛି କାର୍ଯ୍ୟାନୁଷ୍ଠାନ । ପଞ୍ଚାୟତ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀ ସଫେଇ ନେଇଥିବା କହିଥିବା ବେଳେ, ପୌରପାଳିକା ସ୍ୱଚ୍ଛ ସବାରୀ ମାଧ୍ୟମରେ ଏକ ଏଜେନ୍ସି ଆବର୍ଜନା ଉଠାଉଥିବା କହିଛନ୍ତି । ଏସବୁ ସତ୍ତ୍ୱେ ଏଠାରେ ରହୁଥିବା ଶିକ୍ଷିତ ଅସଭ୍ୟଙ୍କ ପାଇଁ ପରିବେଶ ପ୍ରଦୂଷଣ ହେଉଛି । ଏଠାରେ ଜମା ହେଉଥିବା ଆବର୍ଜନା ଓ ପଲିଥିନ ଭିତରେ ରହୁଥିବା ଖାଦ୍ୟ ଲୋଭରେ ପଲିଥିନ ଖାଇ ଗାଈଗୋରୁଙ୍କ ଗୋଟିଏ ପାର୍ଶ୍ୱରେ ପେଟ ଫୁଲି ଯାଉଥିବା ଦେଖାଯାଉଛି । କୁକୁର ମାନେ ଖାଦ୍ୟ ଲୋଭରେ ରାସ୍ତାରେ ବୁଲିବା ବେଳେ ଅନେକ ସମୟରେ ଦୁର୍ଘଟଣାରେ ବାଇକ୍ ଓ କାର୍ ଚାଳକ ମାନେ ଆହତ ହେଉଛନ୍ତି । ଏସବୁ ପ୍ରତି କିନ୍ତୁ ନା ପଞ୍ଚାୟତ କିମ୍ବା ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏ ବିଷୟରେ ଗୁରୁତ୍ୱର ସହ ବିଚାର କରି କାଗଜ କଲମରେ ଖର୍ଚ୍ଚ ହେଉଥିବା ହଜାର ହଜାର ଟଙ୍କାର ପ୍ରକୃତ ବିନିଯୋଗ ଓ ସଚେତନତାର ଆବଶ୍ୟକତା ରହିଥିବା ଗ୍ରାମବାସୀ କହିଛନ୍ତି ।

## ଭାଇର ଲୁହା ଛଡ଼ ମାଡ଼ରେ ଭଉଣୀର ମୃତ୍ୟୁ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଘରୋଇ କଳିକୁ କେନ୍ଦ୍ର କରି ସାନଭାଇର ଲୁହାଛଡ଼ ଆକ୍ରମଣରେ ବଡ଼ ଭଉଣୀର ମୃତ୍ୟୁ ହୋଇଛି । ଏମିତି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ ଜିଲ୍ଲା ମହୁଲପଦା ଥାନା ଜିନକଲା ଗ୍ରାମରେ । ସାନଭାଇ ବିଜୟ ମାହାନ୍ତ ଓ ତାର ସ୍ତ୍ରୀ ମଧ୍ୟରେ ଝଗଡ଼ା ହେଉଥିବା ଦେଖି ବଡ଼ବାପା ଝିଅ ବଡ଼ଭଉଣୀ ହେମଗିରି ମାହାନ୍ତ କାହିଁକି ଝଗଡ଼ା ହେଉଛ ବୋଲି ମଧ୍ୟସ୍ଥି କରୁଥିବା ନେଇ ଭାଇ ବିଜୟ ଉତ୍ତ୍ୟକ୍ତ ହୋଇ ଏକ ଲୁହାଛାଡ଼ରେ ମୁଣ୍ଡକୁ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଭାଇ ବିଜୟ ନିଜେ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାକୁ ଆଣିଥିଲା ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ସାନଭାଇ ବିଜୟ ମାହାନ୍ତ ଓ ତାର ସ୍ତ୍ରୀ ମଧ୍ୟରେ ଝଗଡ଼ା ହେଉଥିବା ଦେଖି ବଡ଼ବାପା ଝିଅ ବଡ଼ଭଉଣୀ ହେମଗିରି ମାହାନ୍ତ କାହିଁକି ଝଗଡ଼ା ହେଉଛ ବୋଲି ମଧ୍ୟସ୍ଥି କରୁଥିବା ନେଇ ଭାଇ ବିଜୟ ଉତ୍ତ୍ୟକ୍ତ ହୋଇ ଏକ ଲୁହାଛାଡ଼ରେ ମୁଣ୍ଡକୁ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଭାଇ ବିଜୟ ନିଜେ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାକୁ ଆଣିଥିଲା ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଟିପିସିଓଡିଏଲ୍ ପକ୍ଷରୁ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ପ୍ରକ୍ରିୟାକରଣ ଫି ଛାଡ଼



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା (ପିଏମ୍‌ଏସ୍‌ଜିଏମ୍‌ବିୱାଇ) ଅଧୀନରେ ଓଡ଼ିଶାରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ସ୍ଥାପନକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯାନ ଜୋର୍‌ଦାର୍ କରାଯାଇଛି । ଗ୍ରାହକମାନଙ୍କ ସୁବିଧା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ପାଇଁ ନେଟ୍ ମିଟରିଂ ପ୍ରକ୍ରିୟାକରଣ ଫିସ୍ ୫୦୦ ଟଙ୍କା ଛାଡ କରାଯାଇଛି । ଏହା ଦ୍ୱାରା ଅନ୍‌ଲାଇନ୍ ଡିମାଣ୍ଡ ନୋଟ୍ ସୃଷ୍ଟି ଏବଂ ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଦେୟ ପ୍ରଦାନ ଆବଶ୍ୟକତା ଦୂର ହୋଇଛି । ପୂର୍ବରୁ ଟିପିସିଓଡିଏଲ୍ ୧୦ କିଲୋୱାଟ୍ ପର୍ଯ୍ୟନ୍ତ ବ୍ୟବସ୍ଥା ପାଇଁ ଟେକ୍ନିକାଲ୍ ଫିଜିବିଲିଟି ଷ୍ଟଡିର ଆବଶ୍ୟକତାକୁ ରଦ୍ଦ କରିଥିଲା ଏବଂ ସେକ୍ସନ୍ ମ୍ୟାନେଜରଙ୍କୁ ସମସ୍ତ କାର୍ଯ୍ୟ ପାଇଁ ସିଂଗଲ୍ ପଏଣ୍ଟ କଣ୍ଟାକ୍ଟ ଭାବେ ନିଯୁକ୍ତ କରି ସାଇଟ୍ ନିରୀକ୍ଷଣ, ନେଟ୍ ମିଟରିଂ ଚୁକ୍ତିନାମା ସ୍ୱାକ୍ଷର, ନେଟ୍ ମିଟର୍ ସ୍ଥାପନ ଇତ୍ୟାଦି ପାଇଁ ଲାଗୁଥିବା ସମୟକୁ ମଧ ହ୍ରାସ କରିଥିଲା । ଯୋଜନାକୁ ଅଧିକ ଗ୍ରାହକ ଅନୁକୂଳ କରିବା ପାଇଁ ଟିପିସିଓଡିଏଲ୍ ନିୟାମକ ଢାଞ୍ଚା ମଧ୍ୟରେ ପ୍ରକ୍ରିୟାଗୁଡ଼ିକୁ ସରଳ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି । ଟିପିସିଓଡିଏଲ୍ ଏହାର ସମସ୍ତ ଆବାସିକ ଗ୍ରାହକଙ୍କୁ ରୁଫ୍‌ଟପ୍ ସୋଲାର ବିଦ୍ୟୁତ୍ ବ୍ୟବସ୍ଥା ସ୍ଥାପନ କରିବା, ନିଜସ୍ୱ ସବୁଜ ଶକ୍ତି ଉତ୍ପାଦନ କରିବା ଏବଂ ବିଜୁଳି ବିଲ୍‌ରେ ସଞ୍ଚୟ କରିବାକୁ ଉତ୍ସାହିତ କରୁଛି । ସମସ୍ତ ଆବାସିକ ଗ୍ରାହକଙ୍କୁ କେନ୍ଦ୍ର ଏବଂ ରାଜ୍ୟର ଆକର୍ଷଣୀୟ ଆର୍ଥିକ ସହାୟତା ମିଳୁଛି ଯାହା ତିନି ବର୍ଷ ମଧ୍ୟରେ ନିବେଶ ରାଶି ଫେରିପାଇବାକୁ ନିଶ୍ଚିତ କରୁଛି । ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ, 'ଅକ୍ଷୟ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ । ଏହି ଅଭିଯାନ କେବଳ ରୁଫ୍‌ଟପ୍ ସୋଲାର ସ୍ଥାପନ ନୁହେଁ; ବରଂ ଏହା ଆମ ସମାଜ ପାଇଁ ଏକ ସ୍ଥାୟୀ ପରିବର୍ତ୍ତନ ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଛି । ଆମେ ସାଧାରଣ ଲୋକ ଏବଂ ବ୍ୟବସାୟିକ ଅନୁଷ୍ଠାନ ଗୁଡ଼ିକୁ ସୌର ଶକ୍ତି ଗ୍ରହଣ କରିବାକୁ ଏବଂ ଏକ ସବୁଜ ଓଡ଼ିଶା ଗଠନରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ ।

## ନନ୍ଦନକାନନରେ ଧଳା ବାଘୁଣୀ 'ମୌସୁମୀ' ଜନ୍ମ ଦେଲା ୨ ଶାବକ



**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଶନିବାର ରାତିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୨୮ ନମ୍ବର (ଖ) ଖୁଆଡ଼ ମଧ୍ୟରେ ଧଳା ବାଘୁଣୀ 'ମୌସୁମୀ'ର ଦ୍ୱିତୀୟ ଗର୍ଭରୁ ଦୁଇ ଶାବକ ଜନ୍ମ ନେଇଛନ୍ତି । ନବଜାତ ଶାବକଙ୍କ ମଧ୍ୟରେ ଗୋଟିଏ ଧଳା ଓ ଗୋଟିଏ ସାଧାରଣ ନାଲି ରଙ୍ଗର ଅଛି । ମା' ବାଘୁଣୀ ସେମାନଙ୍କୁ ଚାଟିବା ଓ କୋଳରେ ଧରି କ୍ଷୀର ପାନ କରାଇ ଯତ୍ନ ନେଉଥିବାର ଦୃଶ୍ୟ ସିସି କ୍ୟାମେରାରେ ଦେଖିବାକୁ ମିଳିଛି । ମୌସୁମୀ ଯଥାକ୍ରମେ ରାତି ୯ଟା ୧୫ ମିନିଟ୍‌ରେ ପ୍ରଥମ ଓ ୧୧ଟା ୩ ମିନିଟ୍‌ରେ ୨ୟ ଶାବକକୁ ଜନ୍ମ ଦେଇଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଶାବକ ଦୁଇଟି ଜନ୍ମ ନେବାପରେ ନନ୍ଦନକାନନରେ ମୋଟ୍ ବାଘ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି । ଏଥିରେ ଲିଙ୍ଗ ଚିହ୍ନଟ ହୋଇନଥିବା ୨ ଶାବକ, ୧୭ ମହାବଳ ବାଘ ଓ ୧୦ ବାଘୁଣୀ ଅଛନ୍ତି । ଏହାର ମଧ୍ୟରେ ୬ଟି ଧଳା ବାଘଙ୍କ ମଧ୍ୟରେ ୩ଟି ମହାବଳ, ୨ଟି ବାଘୁଣୀ ଓ ଗୋଟିଏ ଲିଙ୍ଗ ଚିହ୍ନଟ ହୋଇନଥିବା ଶାବକ ଅଛନ୍ତି । ଏଥିସହିତ ୪ଟି ବିରଳ କଳା ରଙ୍ଗର ବାଘଙ୍କ ମଧ୍ୟରେ ୩ଟି ମହାବଳ ଓ ଗୋଟିଏ ବାଘୁଣୀ ଅଛନ୍ତି । ଧଳା ରଙ୍ଗର ମୌସୁମୀ ସହ ସାଧାରଣ ମହାବଳ ରାଜେଶ ମିଳନରୁ ଏହି ଶାବକ ଜନ୍ମ ନେଇଛନ୍ତି । ଗତ ଫେବୃଆରୀ ୨୭ ଓ ୨୮ରେ ମୌସୁମୀର ରାଜେଶ ସହ ମିଳନ ହୋଇଥିଲା ଓ ଗର୍ଭଧାରଣର ୯୮ ଦିନରେ ଶାବକ ଜନ୍ମ ନେଇଥିବା ସୂଚନା ଦିଆଯାଇଛି । ଗତ ବର୍ଷ ଜାନୁଆରୀ ୮ ତାରିଖ ବ୍ୟାଘ୍ର ଦିବସରେ ମୌସୁମୀ ପ୍ରଥମ ଗର୍ଭରୁ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ଅପରିପକ୍ୱ ଶାବକ ୩ଟି ଜନ୍ମ କରିଥିବାରୁ ସେମାନଙ୍କର ମୃତ୍ୟୁ ହୋଇଥିଲା । ଏଥର ଜନ୍ମିତ ଶାବକ ଦୁଇଟି ସୁରକ୍ଷିତ ଥିବା ଓ ବିଶେଷ କରି ଏହା ମଧ୍ୟରେ ଏକ ଧଳା ଶାବକ ଥିବାରୁ କର୍ତ୍ତୃପକ୍ଷ ଆଶ୍ୱସ୍ତ ହୋଇଛନ୍ତି । କାରଣ ଧଳା ଶାବକ ଜନ୍ମ ଦେଉଥିବା ଧଳାବାଘୁଣୀ ସ୍ନେହାର ଗତ ୨୦୨୪ ମସିହା ଏପ୍ରିଲ ୧୯ ତାରିଖରେ ମୃତ୍ୟୁ ହୋଇଛି । ଗତ ବର୍ଷ ନଭେମ୍ବର ୨ ତାରିଖରେ ରୂପା ଜନ୍ମ ଦେଇଥିବା ଧଳା ଶାବକର ଚଳିତ ବର୍ଷ ଜାନୁଆରୀ ୧୫ ତାରିଖରେ ମୃତ୍ୟୁ ହୋଇଥିଲା । ଏହା ପୂର୍ବରୁ ଗତ ୨୦୨୩ ଜାନୁଆରୀ ୨ ତାରିଖରେ ଶିବା ଓ ୨୦୨୨ ମାର୍ଚ୍ଚ ୧୧ ତାରିଖରେ ହିମାଂଶୀ ଜନ୍ମ ଦେଇଥିବା ଧଳାବାଘ ଓ ବାଘୁଣୀ ଏବେ ନନ୍ଦନକାନନରେ ଅଛନ୍ତି । ବହୁଦିନର ବ୍ୟବଧାନରେ ଶାବକ ଜନ୍ମ ଓ ପରବର୍ତ୍ତୀ ଅବସ୍ଥାରେ ମୃତ୍ୟୁ କାରଣରୁ ଧଳା ବାଘ ସଂଖ୍ୟା କମିବାରେ ଲାଗିଥିଲା । ଫଳରେ ଅଦ୍ୟାବଧି ୧୬୫ ଧଳାବାଘ ଜନ୍ମ ହୋଇଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟନରେ ଧଳାବାଘ ବଂଶ ବୃଦ୍ଧି ନେଇ ଆଶଙ୍କା ଦେଖାଦେଇଥିଲା । ଏତିକି ବେଳେ ଦୁଇବର୍ଷର ବ୍ୟବଧାନରେ ମୌସୁମୀ ଏକ ସୁସ୍ଥ ଧଳା ଶାବକ ଜନ୍ମ ଦେବା ଏକ ପ୍ରକାର ବଂଶ ବୃଦ୍ଧିର ଆଶା ସଂଚାର କରିଛି ।

## ନିଖୋଜ ପୁଅକୁ ଫେରି ପାଇବା ପାଇଁ ସମୁଦ୍ର କୂଳରେ ବସି ରହିଛନ୍ତି ବାପା-ମା'

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜଇପୁରା ଗ୍ରାମର ସେକ୍ ତହସିନଙ୍କ ପୁଅ ସେକ୍ ଅମନ (୧୮) ପର୍ବ ଇଦ୍-ଉଲ୍-ଜୁହା ଅବସରରେ ଖୁସିରେ ସାଙ୍ଗ ମାନଙ୍କ ସହିତ ପାରାଦ୍ୱୀପ ବୁଲିବାକୁ ଯାଇଥିଲେ । ସମୁଦ୍ରରେ ଗାଧୋଇବା ବେଳେ ଲହଡି ତାଙ୍କୁ ଭିତରକୁ ଟାଣି ନେଇଥିଲା । ତେବେ ଗତ ୨ ଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କର ପତା ମିଳିନଥିବାରୁ ତାଙ୍କ ପରିବାର ଲୋକ ଏବଂ ବାପା ମା' ସମୁଦ୍ର କୂଳରେ ୨ ଦିନ ହେଲା ନିଖୋଜ ପୁଅକୁ ଫେରି ପାଇବା ପାଇଁ ବସି ରହିଛନ୍ତି ।

## ୨ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଶନିବାର ବିଳମ୍ବିତ ରାତିରେ ବାଘମାରୀ ଥାନା ଅଞ୍ଚଳର ୨ଟି ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ସମେତ ନଗଦ ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ, ବାଘମାରୀ ଥାନା ଲେଖନପୁର ଗାଁର ଗୋବର୍ଦ୍ଧନ ପଟ୍ଟନାୟକଙ୍କ ପରିବାର ଖାଇପିଇ ଶୋଇଥିଲେ । ରାତି ପ୍ରାୟ ୩ଟାରେ ଦୁର୍ବୃତମାନେ ଝରକା କାଟି ଘରେ ପଶିଥିଲେ । ଘରେ ପଶି ଆଲମିରା ଭାଙ୍ଗି ସେଥିରେ ଥିବା ହାର, ଚେନ୍ , କାନଫୁଲ, ଝରା, ମୁଦି, ପାଉଁଜି ସହ ନଗଦ ୧୨ ହଜାର ଟଙ୍କା ଲୁଟି ନେଇଥିଲେ । ସକାଳ ହେବା ପରେ ଘରୁ ଲୁଟ୍ ହୋଇଥିବା ବିଷୟରେ ପରିବାର ଲୋକେ ଜାଣିଥିଲେ । ଏନେଇ ବାଘମାରୀ ଥାନାରେ ଗୋବର୍ଦ୍ଧନ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି । ସେହିପରି ଉକ୍ତ ଗାଁରେ ରହୁନଥିବା ଭୋବନି ଦାସଙ୍କ ଘର କବାଟ ଭାଙ୍ଗି ଦୁର୍ବୃତମାନେ ଲୁଟ୍ କରିଛନ୍ତି । ଦୁର୍ବୃତମାନଙ୍କୁ ପଡୋଶୀ ଦେଖି ଭୋବନିକୁ ଜଣାଇଛନ୍ତି । ଭୋବନି ଏନେଇ ମଧ ଥାନାରେ ଅଭିଯୋଗ କରିଥିଲେ ।



## ଡ୍ରାମା ଦେଖିବାକୁ ଯାଇଥିବା ବେଳେ ଘରେ ବୁଲିଲା କଳାକନା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଥାନା ଅଞ୍ଚଳରେ ଦିନକୁଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି । କେଉଁଠି ଦିନ ଦ୍ୱିପ୍ରହରରେ ଛକରୁ ବାଇକ୍ ଚୋରି ହେଉଛି ତ କେଉଁଠି ଘର ଗ୍ରିଲ୍ କବାଟ ତାଲା ତାଡି ଚୋରମାନେ କଳା କନା ବୁଲାଇ ଦେଉଛନ୍ତି । ଏମିତି ଏକ ଘଟଣା ଧାମନଗର ବ୍ଲକ ସୋହାଡ଼ା ପଞ୍ଚାୟତ ମିଶ୍ରପୁର ଗ୍ରାମରେ ଦେଖିବାକୁ ମିଳିଛି । ଏତଲାକାରି ସରସ୍ୱତୀ ସାହୁ (୩୧)ଙ୍କ ଅଭିଯୋଗରୁ ଜଣାଯାଇଛି ଯେ ତାଙ୍କ ଗ୍ରାମଠାରେ ଡ୍ରାମା ହେଉଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ଲୋକ ଖାଇସାରି ଘର ଚାବି ପକାଇ ଡ୍ରାମା ଦେଖିବାକୁ ଯାଇଥିଲେ । ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଘର ଚାବି ଭାଙ୍ଗି ଗ୍ରିଲ୍ ଓ କବାଟକୁ ଶାବଳରେ ତାଡି ଘରେ ପଶି ଏକ ବାକ୍ସରେ ଥିବା ନଗଦ ୨୦ ହଜାର ଟଙ୍କା, ଦୁଇ ଭରିରୁ ଅଧିକ ସୁନା ଅଳଙ୍କାର, ୨୫୦ ଶହ ଗ୍ରାମରୁ ଅଧିକ ରୂପା ଅଳଂକାର, କଂସା, ପିତ୍ତଳ, ଷ୍ଟିଲ୍ ବାସନ, ଦାମିକା ଶାଢ଼ୀ ନେବା ସହ ଚାରିଆଡ଼େ ଫୋପାଡି ଦେଇଛନ୍ତି । ଏନେଇ ସରସ୍ୱତୀଙ୍କ ସ୍ୱାମୀ ସୁଶାନ୍ତ କୋଲକାତାରେ ଥିବାରୁ ସରସ୍ୱତୀ ଶନିବାର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଧାମନଗର ପୋଲିସ ରବିବାର ମଧ୍ୟାହ୍ନରେ ସନ୍ଧାନି କୁକୁର ନେଇ ଘଟଣାସ୍ଥଳ ତଦନ୍ତ କରିଛି । ତେବେ ସନ୍ଧାନୀ କୁକୁର ଚୋରି ସଂପର୍କରେ କୌଣସି ସୁରାକ ପାଇନାହିଁ । ଏକ ମାସ ତଳେ ମଧ୍ୟାହ୍ନରେ ଖଡ଼ିପଦା ଛକ ଓ କାଞ୍ଜିଆପାଳ ରାସ୍ତା ମୋଡ ପାଖରୁ ଦୁଇଟି ବାଇକ୍ ଚୋରି ସାଙ୍ଗକୁ ଘର ଚାବି ଭାଙ୍ଗି ଚୋରି ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଥିପ୍ରତି ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

## ମୁଖ୍ୟମନ୍ତ୍ରୀଙ୍କୁ ୧୧ ଦଫା ଦାବିପତ୍ର ପ୍ରଦାନ କଲେ ଓଜେୟୁ କର୍ମକର୍ତ୍ତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ଅବସରରେ ଜିଲ୍ଲା ତଥା ରାଜ୍ୟରେ କାର୍ଯ୍ୟରତ ଥିବା ସମସ୍ତ ସାମ୍ବାଦିକଙ୍କ ସାମୁହିକ ସମସ୍ୟା ଓ ସ୍ୱାର୍ଥ ଉପରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୧୧ ଦଫା ଦାବି ପ୍ରଦାନ କରାଯାଇଥିଲା । ରାଜ୍ୟରେ ସାମ୍ବାଦିକଙ୍କ ପ୍ରତି ବୃଦ୍ଧି ପାଉଥିବା ଆକ୍ରମଣ ଘଟଣାରେ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରାଣୟନ କରାଯିବା, ସ୍ୱାସ୍ଥ୍ୟ ବୀମା ରାଶିକୁ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ମୃତ୍ୟୁ କାଳୀନ ସହାୟତା ରାଶିକୁ ୪ ଲକ୍ଷରୁ ୧୦ ଲକ୍ଷ ଟଙ୍କା ବୃଦ୍ଧି କରିବା, ଅବସର କାଳୀନ ଭତ୍ତା ପ୍ରଦାନ, ଘର ନିର୍ମାଣ ତଥା ପିଲା ଛୁଆଙ୍କ ପାଠ ପଢା ପାଇଁ ବ୍ୟାଙ୍କ ଋଣ ବ୍ୟବସ୍ଥାରେ ସରଳୀକରଣ ନିୟମ କରି ବ୍ୟାଙ୍କ ମାନଙ୍କୁ ସର୍କୁଲାର ଜାରି କରିବା, ଅଧିସ୍ୱୀକୃତି ଆଇନ୍‌ର ସରଳୀକରଣ କରି ବ୍ଲକ ତଥା ଜିଲ୍ଲା ସ୍ତରୀୟ ସମସ୍ତ ସାମ୍ବାଦିକଙ୍କୁ ଏଥିରେ ସାମିଲ୍ କରିବା ଭଳି ପ୍ରମୁଖ ୧୧ ଦଫା ଦାବି ସମ୍ୱଳିତ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରଯାଇଥିଲା । ସଂଘର ସୁବର୍ଣ୍ଣପୁର ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ, ସଂପାଦକ ମହାଦେବ ମଲ୍ଲିକ୍, କାର୍ଯକାରୀ ସଭାପତି ଦିଲ୍ଲିପ କୁମାର ପାତ୍ର, ରାଜ୍ୟ ସାଂଗଠାନିକ ସଂପାଦକ ରାଜ କିଶୋର ତ୍ରିପାଠୀ, ଜିଲ୍ଲା ଶାଖା ଉପ ସଭାପତି ସୁବାସ ଚରଣ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ମାନଭଞ୍ଜନ ମିଶ୍ର, ଗଣପତି ବାଗ, ଧ୍ରୁବରାଜ ମିଶ୍ର, କମଲ ମେହେର, ବବେକା ନନ୍ଦ ମିଶ୍ର, ଶ୍ରୀକୁମାର ମହନ୍ତ, ଶ୍ୟାମସୁନ୍ଦର ପଣ୍ଡା, ମୁକେଶ ବଗର୍ତ୍ତୀ, ଉଗ୍ରସେନ କର୍ମୀ ପ୍ରମୁଖଙ୍କ ସହିତ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ୧୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ




ଉପସ୍ଥିତ ଥିଲେ । ଯେହେତୁ ଏହା ଏକ ସରକାରୀ କାର୍ଯ୍ୟକ୍ରମ ଥିଲା ସେଥିପାଇଁ ଜିଲ୍ଲା ପ୍ରଶାସନର ସମ୍ମାନ ଦୃଷ୍ଟିରୁ ଓଡ଼ିଶା ସାମ୍ବାଦିକ ସଂଘ ସୋନପୁର ଶାଖା ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁମତି ନେଇ ଦାବିପତ୍ର ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନର ସ୍ୱୀକୃତି ପାଇଥିଲା । ପ୍ରକାଶଥାଉ କି ଯେ ୨୦୨୩ରେ ଜାତୀୟ ପ୍ରେସ୍ ଦିବସରେ ପ୍ରଥମଥର ରାଜ୍ୟରେ ଓଡ଼ିଶା ସାମ୍ବାଦିକ ସଂଘ ଭୁବନେଶ୍ୱରରେ ସାମ୍ବାଦିକଙ୍କ ଏ ସମସ୍ତ ସାମୁହିକ ସ୍ୱାର୍ଥ ହାସଲ ପାଇଁ ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇ ପ୍ରଥମଥର ପାଇଁ ଧାରଣା ଦେଇଥିଲା ଓ ବିଗତ ସରକାର ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲା । ଗତ ନିର୍ବାଚନ ସମୟରେ ମଧ ସମ୍ବଲପୁର, ଫୁଲବାଣୀ, ମୟୂରଭଞ୍ଜ ଓ ସୁବର୍ଣ୍ଣପୁର ଜିଲ୍ଲା ଶାଖା କର୍ମକର୍ତ୍ତାଙ୍କ ପକ୍ଷରୁ ସମସ୍ତ ଜିଲ୍ଲାରେ ଓଡ଼ିଶା ସରକାରଙ୍କୁ ଏହି ୧୧ ଦଫା ଦାବିପତ୍ର ପ୍ରଦାନ କରିଥିଲା ଏବଂ ବିଗତ ସରକାରରେ ସାମ୍ବାଦିକଙ୍କ ବୀମା ରାଶି ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ବୃଦ୍ଧି ମଧ ହୋଇଥିଲା । ପରେ ପରେ ନୂଆ ସରକାର ଶପଥ ପାଠ ସମୟରେ ଲୋକ ସଭା ସଦନରେ ମଧ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ପ୍ରଶ୍ନ କରାଯାଇଥିଲା ଓ ଶପଥ ପାଠର ପରଦିନ ସକାଳେ ପୁରୀ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ପରେ ପୁରୀ ସର୍କିଟ୍ ହାଉସ୍ ଠାରେ ଏ ସଂଘର ସୁବର୍ଣ୍ଣପୁର ଜିଲ୍ଲା ଶାଖାର ଏଇ ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ୧୦ ଦଫା ଦାବିପତ୍ର ପ୍ରଦାନ କରି ଆଲୋଚନା କରିଥିଲେ । ଯାହାକି ନୂଆ ସରକାରରେ ରାଜ୍ୟରେ ପ୍ରଥମ ଦିନ ପ୍ରଥମ ଦାବିପତ୍ର ଥିଲା ଓଡ଼ିଶା ସାମ୍ବାଦିକ ସଂଘର । ସେଥିପାଇଁ ଏହି ସମସ୍ୟାର ସମାଧାନ ପାଇଁ ଶ୍ରୀ ଜଗନ୍ନାଥଙ୍କ ଉପରେ ଓ ନୂଆଁ ସରକାରଙ୍କ ଉପରେ ପୂର୍ଣ୍ଣ ଆଶା ଭରସା ରଖିଛି ସଂଘ ।

## ପାଣିଟାଙ୍କି କାମ କରୁଥିବା ବେଳେ ୩ ଶ୍ରମିକଙ୍କ ମୃତ୍ୟୁ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଝିଙ୍କିରିଆ ପଞ୍ଚାୟତ ଗଗନଧୂଳି ଗାଁର ଜଣେ ବ୍ୟକ୍ତିଙ୍କ ପାଇଖାନା ଟାଙ୍କି କାମ କରୁଥିବା ବେଳେ ୩ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଏହି ୩ଜଣଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଗଗନଧୂଳି ଗାଁର ବାପି ମାଝୀଙ୍କର କାମ ହେଉଥିବା ବେଳେ ଏଭଳି ଅଘଟଣ ଘଟିଛି । ତେବେ ପାଇଖାନା ଟାଙ୍କି କାମ କରୁଥିବା ବେଳେ ସେଠାରେ ବିଦ୍ୟୁତ୍ ସଂଯୋଗ କରି କାମ କରୁଥିଲେ । ତେଣୁ ୩ ଜଣ ଶ୍ରମିକ ବିଦ୍ୟୁତ୍ ଆଘାତରେ ଶିକାର ହୋଇଥିଲେ । ସେମାନେ ହେଉଛନ୍ତି ବାବାଜୀ ମାଝୀ, ବାପି ମାଝୀ ହୋଇଥିବା ବେଳେ ଅନ୍ୟ ଜଣକ ହେଲେ ନରହରି ବେହେରା ।

## ଥାନାରୁ ବାଲି ବୋଝେଇ ଟ୍ରାକ୍ଟର ନେଇଯିବା ଅଭିଯୋଗରେ ୨ କୋର୍ଟ ଚାଲାଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ନଦୀରୁ ବାଲି ଚୋରୀକୁ ରୋକି ବା ପାଇଁ ପୋଲିସ ଓ ପ୍ରଶାସନ ଅସମର୍ଥ ହେବା କାରଣରୁ ବାଲି ମାଫିଆ ସକ୍ରିୟ ହୋଇଉଠିଛନ୍ତି । ଗତ ଶନିବାର ଦିନ ଭବାନୀପୁର ଘାଟରୁ ବାଲିଚୋରୀ ହେଉଥିବା ଖବରପାଇ ପୋଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଧର୍ମଶାଳା ଥାନା ପରିସରରେ ରଖିଥିଲେ । ସେହିଦିନ ରାତିରେ ଜୋର ଜବରଦସ୍ତ ଟ୍ରାକ୍ଟରକୁ ମାଫିଆମାନେ ନେଇ ପଳାଇଥିଲେ । ପରେ ପାଟ୍ରୋଲିଙ୍ଗ ପୋଲିସ ବ୍ରାହ୍ମଣୀ ନଦୀବନ୍ଧରୁ ଟ୍ରାକ୍ଟରକୁ ଧରିଆଣିଥିଲେ । ଏହି ଅଭିଯୋଗରେ ପୋଲିସ କେସ୍‌ନଂ ୩୩୮/୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ଲଗ୍ନ / ୨ ବୁଧ | ୧୨ | ଶୁ ୧୧ / ରା ୧୦ |
| ୩ | ୧୭ / ୮ | ୯ |
| ୪ କେ ୫ | ୬ | ୮ / ର ୭ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୦।୬।୨୦୨୫, ଜ୍ୟୈଷ୍ଠ ଦ୨୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୫।୦୭।୨୫ **ଚନ୍ଦ୍ରୋଦୟ-** ସଂଘ ୫।୪୬।୦୮

**ଚତୁର୍ଦ୍ଦଶୀ-** ଦିଘ ୧୧।୩୬ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ସଂଘ ୬।୦୨ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୩୬ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଘ ୬।୫୦ ମଧ୍ୟେ । ଦିଘ ୪।୪୩ ଗତେ ଘ ୫।୨୯ ମଧ୍ୟେ । **ପର୍ବୋତ୍ସବ-** ପୂର୍ଣ୍ଣିମା ବିହିତ ଚନ୍ଦ୍ର ପୂଜା ଓ ଉପବାସ ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଚଞ୍ଚକତାରୁ ଶିକାର ହୋଇପାରନ୍ତି । ଆୟ ଓ ବ୍ୟୟର ପରିମାଣ ଅଧିକ ହେବ । ପାରିବାରିକ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଭ୍ରମଣ ଯୋଗ ।




**ବୃଷ:** ମନରେ ଶତ ସିଂହର ବଳ ଜାଗ୍ରତ ହେବ । ବନ୍ଧୁ ପ୍ରୀତି ଲାଭ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବାର ସୂଚନା । ରୋଜଗାରରେ ଉନ୍ନତି ହେବ । ପାରିବାରିକ ଶୃଙ୍ଖଳା ରକ୍ଷା ହେବ । ବ୍ୟବସାୟରେ ଲାଭବାନ୍ ହେବେ ।




**ମିଥୁନ:** କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ସାମୟିକ ବ୍ୟସ୍ତତା ଦେଖାଦେବ । ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ଭୋଗ ବିଳାସରେ ବିଘ୍ନ ଘଟିବ । ରୋଜଗାର ମଧ୍ୟମ ଧରଣର ହେବ । ଗୃହେ ଶାନ୍ତି ଲାଭ ହେବ ।



**କର୍କଟ:** ସଂଯମତା ରକ୍ଷା କରିବା ଉଚିତ୍ । କର୍ମକ୍ଷେତ୍ରରେ ବହୁ ଶ୍ରମର ସୂଚନା । ସମ୍ମାନ ଉପରେ ଆଞ୍ଚ ଆସିପାରେ । ଆୟରେ ଅବନତି ହେବ । ପାରିବାରିକ ଶାନ୍ତି ଲାଭ । ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି ହେବ ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ରୋଜଗାର ସ୍ଥିର ରହିବ । ଛୋଟ କଥାକୁ ବଡ଼ କରିବେ । ପରିବାରରେ ସମର୍ଥନ ଓ ସାହାଯ୍ୟ ମିଳିବାର ସୂଚନା ।




**କନ୍ୟା:** ଯାହା କଲେ ତାହା ପୂର୍ଣ୍ଣ ହେବ । ଅନ୍ୟର ଉପକାର କରି ସନ୍ତୁଷ୍ଟ ହେବେ । ଲୋକ ସମ୍ପର୍କ ବଢ଼ିବ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । କଚେରି ମାମଲାରେ ସଫଳତା ମିଳିବ । ରୋଜଗାର ଭଲ ହେବ ।



**ତୁଳା:** ଆଶା ରଖି କର୍ମ ପ୍ରାପ୍ତିର ସମ୍ଭାବନା ଉଜ୍ଜ୍ୱଳ କରିବେ । ମନରେ ଅଭିମାନ ଆସିବ । ପ୍ରତୀକ୍ଷାର ସମୟ ଅନ୍ତ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ କଳହ ଦେଖାଦେବାର ସୂଚନା । ଠକାମିରେ ପଡ଼ିପାରନ୍ତି ।



**ବିଛା:** ଆଜି ଦିନଟି ଆପଣ ସୁଖ ଓ ସମ୍ମାନ ଲାଭ କରିବେ । ସହକର୍ମୀ ମାନଙ୍କ ଅସହଯୋଗ ପାଇ ଖୁସି ହେବେ । ବନ୍ଧୁ ସହଯୋଗ ମିଳିବ । ଆୟ କ୍ରମେ ବଢ଼ି ଚାଲିବ । ମାଲିମୋକଦ୍ଦମାରେ ସଫଳତା ମିଳିବାର ସୂଚନା ।



**ଧନୁ:** କର୍ମପ୍ରାପ୍ତି ଆନନ୍ଦ ଅନୁଭବ କରିବେ । ଆୟ ପୂର୍ବ ପରି ସ୍ଥିର ରହିବ । ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କ ସମାଲୋଚନାର ଶିକାର ହେବେ । ଘରେ ସମସ୍ତେ ପଥରୋଧ କରିବେ । ଦେହ ଭଲ ରହିବ ।



**ମକର:** ବହୁ ପରିମାଣରେ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତି ଲାଭ କରିବେ । ଦୂରଯାତ୍ରା କରିପାରନ୍ତି ।



**କୁମ୍ଭ:** ଠକାମିରେ ପଡ଼ିପାରନ୍ତି । କର୍ମ ବ୍ୟସ୍ତତା ମଧ୍ୟରେ ଦିନଟି କଟିବ । ମନରେ ଚିନ୍ତା ଲାଗି ରହିବ । ପରିବାରରେ ସାମାନ୍ୟ ଅସହଯୋଗ ଦେଖାଦେବ । ଦେହ ଓ ମନ ଭଲ ରହିବ । ଆୟ ପୂର୍ବ ପରି ସ୍ଥିର ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ ।



**ମୀନ:** ଭକ୍ତି ମାର୍ଗରେ ନିଜକୁ ନିୟୋଜିତ କରିବେ । ସେବା ପୂଜା ପ୍ରତି ମନ ବଳାଇବେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରିବେ । ଆୟର ପରିମାଣ ବଢ଼ିବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୧।୬।୨୦୨୫, ଜ୍ୟୈଷ୍ଠ ଦ୨୮ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୫।୦୭।୨୮ **ଚନ୍ଦ୍ରୋଦୟ-** ସଂଘ ୬।୪୧।୧୨

**ପୂର୍ଣ୍ଣିମା-** ଦିଘ ୧।୧୪ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ରାଘ ୮।୧୦ ପର୍ଯ୍ୟନ୍ତ ।**ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୮।୧୦ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୮।୧୦ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୧।୧୪ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୪୯ ଗତେ ଘ ୮।୨୯ ମଧ୍ୟେ । ଦିଘ ୧।୫୮ ଗତେ ଘ ୫।୨୯ ମଧ୍ୟେ । **ପର୍ବୋତ୍ସବ-** ଦେବସ୍ନାନ ପୂର୍ଣ୍ଣିମା, ସନ୍ଥ କବିର ଜୟନ୍ତୀ, ଶ୍ରୀଜୀଉଙ୍କ ଗଜାନନ ବେଶ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଜମ୍ମୁକଶ୍ମୀରରେ ଏବେ ମିଳୁଛି ସୁଫଳ

ଜମ୍ମୁ-କଶ୍ମୀରକୁ ନେଇ କେନ୍ଦ୍ର ସରକାର ଠିକ୍ କିଛି ବର୍ଷ ତଳେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ । ସେ ସମୟର ପରିସ୍ଥିତି ଯାହା ଥିଲା, ଚିନ୍ତା କରାଯାଉଥିଲା ଯେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ରୂପେ କଶ୍ମୀରରେ ଜଳୁଥିବା ନିଆଁରେ ଘିଅ ଢାଳିବା ସଦୃଶ ହେବ । ସମସ୍ତ ବିରୋଧ ସତ୍ତ୍ୱେ କେନ୍ଦ୍ର ସରକାର କଶ୍ମୀରକୁ ଅବଶିଷ୍ଟ ଭାରତରେ ସାମିଲ୍ କରିବାର ଚିନ୍ତାଧାରା ନେଇ ସେଠାରେ ପ୍ରଚଳିତ ଧାରା ୩୭୦କୁ ଉଚ୍ଛେଦ କରିଥିଲେ। ଏହାକୁ ନେଇ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ମଧ୍ୟ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ୩୭୦ ଧାରାକୁ ସମର୍ଥନ କରୁଥିବା କଶ୍ମୀରର ନେତାମାନେ କେନ୍ଦ୍ର ସରକାରଙ୍କ ଏହି ନୀତି ନିଶ୍ଚିତ ରୂପେ କଶ୍ମୀରକୁ ଏକ ଅଶାନ୍ତ ଅଞ୍ଚଳ କରିଦେବ ବୋଲି ମତ ଦେଇଥିଲେ । ସମସ୍ତ ମତାମତକୁ ଖାତିର ନକରି କେନ୍ଦ୍ର ସରକାର ଯେଉଁ ଦୃଢ଼ ପଦକ୍ଷେପ ନେଇଥିଲେ ତାହାର ସୁଫଳ ଏବେ ମିଳିଛି । ଏଥିରେ ଦ୍ୱିମତ ନାହିଁ ଯେ ଜମ୍ମୁକଶ୍ମୀରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ହେଉନାହିଁ ବୋଲି । ହେଉଛି ସତ କିନ୍ତୁ ପୂର୍ବାପେକ୍ଷା ଏହା ନଗଣ୍ୟ ହେବାକୁ ବସିଲାଣି। ଯଦି କିଛି ବର୍ଷ ପରେ ଆଜି ଆମେ କଶ୍ମୀରର ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରିବା ତେବେ ଏହା ନିଶ୍ଚିତ ଜାଣିପାରିବା ଯେ ଯେଉଁ କଶ୍ମୀର ଦିନେ ରକ୍ତପାତ ଓ ହିଂସାରେ ଜଳୁଥିଲା ସେହି କଶ୍ମୀର ଏବେ ବିକାଶର ପଥରେ ଅଗ୍ରଗତି କରୁଛି । ଯେଉଁ କଶ୍ମୀରର ଯୁବକମାନେ ପଥଭ୍ରଷ୍ଟ ହୋଇ ଆତଙ୍କବାଦକୁ ବହୁ ମାତ୍ରାରେ ଆପଣେଇବାରେ ଲାଗିଥିଲେ ସେମାନେ ଆଜି କେଉଁଠି ନା କେଉଁଠି ଜମ୍ମୁ-କଶ୍ମୀର ସରକାରରେ ସେ ପୋଲିସ ବିଭାଗ ହେଉ ବା ସେନା ବିଭାଗ ହେଉ ନିଜର ଉପସ୍ଥିତି ଜାହିର କରି କଶ୍ମୀରକୁ ସୁରକ୍ଷା ଦେବାକୁ ଆଗେଇ ଆସିଛନ୍ତି । ଏହି ଧାରା ମଧ୍ୟ ଅବାରିତ ବୃଦ୍ଧି ପାଇବାରେ ଲାଗିଛି। ଯେଉଁ କଶ୍ମୀରରେ ଦିନେ ସାଧାରଣ ଜନତା କାମଧନ୍ଦା ପାଇଁ ସକାଳୁ ବାହାରିଲେ ରାତିକୁ ଫେରିବେ କି ନାହିଁ ସନ୍ଦେହ ଉପୁଜୁଥିଲା ଏବେ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ଏବେ ଯଦି ତର୍ଜମା କରାଯାଏ ତେବେ ଜମ୍ମୁ-କଶ୍ମୀରକୁ ପ୍ରତିଦିନ ୧୨୦ଟି ଜାତୀୟ ଅର୍ନ୍ତଜାତୀୟ ବିମାନ ଆସିବା ସ୍ପଷ୍ଟ କରୁଛି ଯେ ଜମ୍ମୁକଶ୍ମୀର ଧୀରେ ଧୀରେ ଅଶାନ୍ତରୁ ଶାନ୍ତ ହେବାକୁ ଯାଉଛି । ଏହା ସତ ଯେ ଜମ୍ମୁ-କଶ୍ମୀରର ଆର୍ଥିକ ସ୍ଥିତିକୁ ପର୍ଯ୍ୟଟନ କ୍ଷେତ୍ର ବେଶ୍ ମଜ୍‌ବୁତ କରିଥାଏ। ଯାହାକି ସ୍ୱାଧୀନତା ପରଠାରୁ ହୋଇଆସୁଥିଲା । କିନ୍ତୁ ଯେବେଠାରୁ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଜେନେରାଲ ଜିଆଉଲ୍ ହକ୍‌ଙ୍କ କ୍ରୁର ମସ୍ତିଷ୍କରୁ ଆତଙ୍କବାଦ ଚିନ୍ତାଧାରା ସୃଷ୍ଟି ହେଲା ସେବେଠାରୁ କଶ୍ମୀର ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ପାଲଟିଗଲା । ୩୭୦ ଧାରାର ଉଚ୍ଛେଦ ହୋଇନଥାନ୍ତା ଏବଂ ସେନା ଓ ସ୍ଥାନୀୟ ପୋଲିସ ସୁଦୃଢ଼ ପଦକ୍ଷେପ ନେଇପାରିନଥାନ୍ତେ ତା'ହେଲେ ଏବେବି କଶ୍ମୀର ଭୂଖଣ୍ଡରେ ପ୍ରତି ମୁହୂର୍ତ୍ତରେ ହତ୍ୟାକାଣ୍ଡ, ପୋଡ଼ାଜଳା ଓ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥାନ୍ତା । କେବଳ ଶାନ୍ତ ପରିବେଶ ନୁହେଁ ବର୍ତ୍ତମାନ କଶ୍ମୀର ଆର୍ଥିକ, ସାମାଜିକ, ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି କରୁଥିବାର ଦୃଷ୍ଟି ଗୋଚର ହେଉଛି । ଶିକ୍ଷା କ୍ଷେତ୍ରରେ ମଧ୍ୟ ଏବେ ଅଗ୍ରଗତି ଦେଖିବାକୁ ମିଳୁଛି । ଯେଉଁ ସ୍କୁଲ କଲେଜ ବର୍ଷ ବର୍ଷ ଧରି ଖୋଲୁନଥିଲା ସେହି ସ୍କୁଲ କଲେଜରେ ଏବେ ଉପସ୍ଥାନ ସଂଖ୍ୟା ବଢ଼ିବାରେ ଲାଗିଛି । କେବଳ ସେତିକି ନୁହେଁ କଶ୍ମୀରର ଯୁବକ ଯୁବତୀ ଜାତୀୟ ସ୍ତରରେ ଶିକ୍ଷା କ୍ଷେତ୍ରରେ ବିଗତ ଦୁଇ ବର୍ଷ ମଧ୍ୟରେ ଅନେକ ଉଲ୍ଲେଖନୀୟ ଅଗ୍ରଗତି କରିଥିବାର ଦୃଷ୍ଟିଗୋଚର ହେଉଛି। ଏଥିରେ ଦ୍ୱିମତ ନାହିଁ ଯେ ଏବେବି କେଉଁଠି ନା କେଉଁଠି ଅନୁପ୍ରବେଶ ଅଳ୍ପେ ବହୁତେ ହେଉଛି ସତ, ଆତଙ୍କବାଦୀମାନେ ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ସାଧନା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁଛନ୍ତି ସତ କିନ୍ତୁ ସେମାନଙ୍କୁ ମୁହଁତୋଡ଼ ଜବାବ ଦିଆଯାଉଛି । ଯାହାଫଳରେ ଆତଙ୍କବାଦୀମାନେ ମଧ୍ୟ କଶ୍ମୀର ଭୂଖଣ୍ଡକୁ ଆସିବାପାଇଁ ଏବେ ଭୟଭୀତ ମନେକଲେଣି । କଶ୍ମୀରରେ ଆତଙ୍କବାଦର ପ୍ରଚାର ପାଇଁ ପାକିସ୍ତାନର ପଦକ୍ଷେପ କାହାକୁ ଅଛପା ନାହିଁ । ଜେନେରାଲ ଜିଆଉଲ୍ ହକ୍‌ଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଧାରା ଜାରି ରହିଛି । କିନ୍ତୁ ପୂର୍ବରୁ ବେଧଡ଼କ କଶ୍ମୀରକୁ ଆତଙ୍କବାଦୀମାନଙ୍କୁ ତାଲିମ୍ ଦେଇ ପଠାଉଥିବା ପାକିସ୍ତାନ ଏବେ ତା'ର ମନ୍ଦ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା କାଠିକର ପାଠ ହେଉଛି । ତାହା କେବଳ ସମ୍ଭବ ହୋଇଛି ଭାରତ ସେନାର ଦୃଢ଼ ପଦକ୍ଷେପ ଏବଂ ବିଗତ ବର୍ଷର କେନ୍ଦ୍ର ସରକାରଙ୍କ ଦ୍ୱାରା ଧାରା ୩୭୦ର ଉଚ୍ଛେଦ ଯୋଗୁ । ଜମ୍ମୁ-କଶ୍ମୀରରେ ରହି ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ନେତାମାନଙ୍କ ବିରୋଧରେ ଯେଉଁ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା ତାହାଦ୍ୱାରା ଆତଙ୍କବାଦୀମାନେ ଏବେ କଶ୍ମୀରରେ ପଥଭ୍ରଷ୍ଟ ହୋଇସାରିଲେଣି। ଏସବୁ ସମ୍ଭବପର ହୋଇଛି କେନ୍ଦ୍ର ସରକାରଙ୍କ ଯୋଗୁ । ଯେଉଁମାନେ ଦିନେ ଏହାକୁ ବିରୋଧ କରୁଥିଲେ ସେମାନେ ମଧ୍ୟ ହୃଦ୍‌ବୋଧ କଲେଣି ଯେ ଯେପର୍ଯ୍ୟନ୍ତ ଧାରା ୩୭୦ ରହିଥାନ୍ତା ସେପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ଏକ ଅଶାନ୍ତ ଅଞ୍ଚଳ ହୋଇରହିଥାନ୍ତା ଏବଂ ଭାରତରେ ଆତଙ୍କବାଦର ପ୍ରସାର ନେଇ ପାକିସ୍ତାନର ଉଦ୍ୟମ ସଫଳ ହୋଇଥାନ୍ତା ।

# ଆଇରନ୍ ଲେଡ଼ି ନନ୍ଦିନୀ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

୧୯୩୧ ମସିହା ଜୁନ୍ ୯ ତାରିଖରୁ ୨୦୦୬ ମସିହା ଅଗଷ୍ଟ ୪ ତାରିଖ- ଏହାହିଁ ଥିଲା ଦୀର୍ଘ ୭୫ ବର୍ଷର ଜୀବନଯାତ୍ରା । ସାହିତ୍ୟ ହେଉ ଅଥବା ରାଜନୀତି ସବୁଠି ଥିଲା ତାଙ୍କର ପ୍ରତିଭାର ସ୍ୱାକ୍ଷର । ଏପରି ବିରଳ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ମାଟିର ମହାନାୟିକା ଓ ଅଗ୍ନିକନ୍ୟା ନନ୍ଦିନୀ ଦେବୀ । ଏ ଦିଗରେ ପିତା ସବୁଜ ଯୁଗର ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀ ଓ ସାମ୍ୟବାଦର ଉଦ୍‌ଗାତା କକା ଭଗବତୀଚରଣ ପାଣିଗ୍ରାହୀଙ୍କ ଜୀବନାଦର୍ଶ ତାଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ସେହି ଆଦର୍ଶକୁ ପାଥେୟ କରି ସେ ଜାତୀୟସ୍ତରରେ ଜଣେ ଆଗଧାଡିର ନାରୀନେତ୍ରୀ ରୂପେ ନିଜକୁ ପ୍ରତିଷ୍ଠିତ କରିବା ସହ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ଯିଏ ନିଜକୁ ମହିଳା ନୁହେଁ କେବଳ ଜଣେ ମଣିଷ ବୋଲି ଭାବୁଥିଲେ।

ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ନନ୍ଦିନୀ ଶତପଥୀ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଦୀନଦୁଃଖୀ ଦରିଦ୍ରଙ୍କ ଦରଦୀ ନେତ୍ରୀ, ତଥା ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିଧାଣୀ । ବାଲ୍ୟକାଳରୁ ଲଢିବା ଥିଲା ତାଙ୍କ ରକ୍ତରେ । ବ୍ରିଟିଶ ଶାସନ ବିରୋଧରେ ହେଉ କି ଅନ୍ୟାୟ ବିରୋଧରେ, ବନ୍ୟା, ବାତ୍ୟା, ମରୁଡି ହେଉକି ଛାତ୍ରମାନଙ୍କ ହକ୍ ପାଇଁ- ସବୁଠି ଶୁଭୁଥିଲା ତାଙ୍କ ସ୍ୱର। ଯେଇଁଥିପାଇଁ ତାଙ୍କ ସମସାମୟିକ ଛାତ୍ରୀଛାତ୍ରମାନେ କହୁଥିଲେ - 'ଦୁର୍ଗା ଆସିଗଲେ'। ଜୀବନରେ ପରାଜୟ କ'ଣ ସେ କେବେ ଜାଣି ନଥିଲେ । ଆଉ ଥରେ ସେ ଯେଉଁ କାମରେ ହାତ ଦେଉଥିଲେ ତାହାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ କରୁଥିଲେ ଓ ସେଥିରୁ କେହି ତାଙ୍କୁ ନିବୃତ୍ତ କରିପାରୁନଥିଲେ । ପରାଜୟ କ'ଣ ଜାଣିନଥିବା ନନ୍ଦିନୀ ଦେବୀ କହୁଥିଲେ- "ମୁଁ ବିଜୟୀ ହେବାକୁ ଆଖି ଆଗରେ ରଖି କୌଣସି କଥାରେ ଲଢେ ନାହିଁ। ମୁଁ କେଉଁ କଥା ପାଇଁ ଲଢିବାକୁ ନିଷ୍ପତ୍ତି ନିଏ ତାକୁ ହିଁ ଗୁରୁତ୍ୱ ଦେଇଥାଏ ।" ସବୁବେଳେ ସେ ଗୋଟିଏ କଥା ମନେ ରଖିଥିଲେ, ତାହା ହେଉଛି ତାଙ୍କ ପିତାଙ୍କ ସେହି କାଳଜୟୀ କବିତା ପଂକ୍ତି- "ଅକ୍ଷୟ ହେଉ ପୁଣ୍ୟ ଜଗତେ, ଧର୍ମର ହେଉ ଜୟ ।''

ନନ୍ଦିନୀ ଦେବୀଙ୍କର ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୨ ମସିହାରେ ପ୍ରଥମେ ରାଜ୍ୟସଭାରେ ପାଦଦେଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୬୬ ରୁ ୧୯୬୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଭାବେ ସୂଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ। ସେହିପରି ୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫, ୧୯୯୦ ଓ ୧୯୯୫ରେ ଓଡିଶା ବିଧାନସଭାକୁ ସାତ ଥର ନିର୍ବାଚିତ ହୋଇଥିଲେ । ୧୯୭୨ ମସିହାରେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହିତ ୧୯୭୩ ମସିହା ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ଓଡିଶା ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ୧୯୮୯ ଓ ୧୯୯୫ ମସିହାରେ ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷା ଭାବେ କାର୍ଯ୍ୟକରି ନିଜର ପାରଦର୍ଶୀତାର ପ୍ରମାଣ ଦେଇଥିଲେ। ଜନ୍ମରେ ନାରୀ ହେଲେବି ତାଙ୍କଠି ଅତୁଳନୀୟ ପୁରୁଷାକାର ଥିଲା। ନିଜର ପ୍ରତିଭା ଓ ପରାକାଷ୍ଠା ଯୋଗୁଁ ସେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟବର୍ତ୍ତୀ ହୋଇପାରିଥିଲେ।

କେବଳ ରାଜନୀତି ନୁହେଁ, ନନ୍ଦିନୀ ଦେବୀଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା । କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ। ମାତ୍ର ଏଗାର ବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ "ଅନାଥ'' ବିଦ୍ୟାଳୟର ମୁଖପତ୍ରରେ ପ୍ରକାଶିତ ହୋଇଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ। ତାଙ୍କ ସାରସ୍ୱତ ପ୍ରତିଭାର ଚଉହଦୀ "ଅନାଥ'' ଠାରୁ ଆରମ୍ଭ କରି "ଉତ୍ତର ପୁରୁଷ'' ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ବିଶିଷ୍ଟ ସାହିତ୍ୟିକା ଅମୃତା ପ୍ରିତମ୍‌ଙ୍କ ରେଭେନ୍ୟୁ ଟିକେଟ୍‌କୁ (ଯାହାର ଓଡିଆ ଅନୁବାଦିତ ନାମ ଥିଲା ରସିଦ୍ ଟିକେଟ୍) ଓଡିଆରେ ଅନୁବାଦ କରି ସେ ପୁଣି ଚର୍ଚ୍ଚିତା ହୋଇଥିଲେ । ଏଥିସହିତ ତସ୍‌ଲିମା ନସରିନ୍‌ଙ୍କ ବଙ୍ଗଳା ପୁସ୍ତକ "ଲଜ୍ଜା''କୁ ଓଡିଆରେ ଅନୁବାଦ କରି ସେ ଅନେକ ପ୍ରଶଂସାର ଅଧିକାରିଣୀ ହୋଇପାରିଥିଲେ । ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ନନ୍ଦିନୀ ଶତପଥୀଙ୍କୁ ମିଳିଥିଲା 'ଓଡିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ ସମ୍ମାନ' । ଏଥିସହିତ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟ କରି ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ ।

ନନ୍ଦିନୀ ଶତପଥି ଜଣେ ସୁଦକ୍ଷା ପ୍ରଶାସିକା ଥିଲେ । ଏବେବି ଲୋକମାନେ ଶ୍ରଦ୍ଧା ଓ ସମ୍ମାନର ସହ ତାଙ୍କ ଶାସନକାଳକୁ ମନେ ରଖିଛନ୍ତି । ପ୍ରଶାସନକୁ ଲୋକାଭିମୁଖୀ କରିବା ଓ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା କୌଶଳ ତାଙ୍କୁ ବେଶ୍ ଜଣାଥିଲା । ଗୋଟିଏ ପଟେ ପ୍ରଶାସନକୁ ନିୟନ୍ତ୍ରଣ କରି ନିଜର ପାରଦର୍ଶୀତା ପ୍ରମାଣ କରିବା ସହ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା ପାଇଁ ସେମାନଙ୍କୁ ଅନେକ ସୁବିଧା ସୁଯୋଗ ପ୍ରଦାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ସରେଣ୍ଡର ଲିଭ୍, ଅବସରକାଳୀନ ଭତ୍ତା ଓ ରିହାବିଲିଟେସନ୍ ସ୍କିମ୍‌ରେ ଚାକିରି ଆଦି ପ୍ରଦାନ ଏହାର ଗୋଟିଏ ଗୋଟିଏ ନିଚ୍ଛକ ଉଦାହରଣ । ସେ ସବୁବେଳେ ଓଡିଶାର ବହୁବିଧ ବିକାଶ ନିଜ ଚିନ୍ତା ଓ ଚେତନାରେ ରଖିଥିଲେ। ସେ ବୁଝିଥିଲେ ଶିକ୍ଷା, କୃଷି, ଜଳସେଚନ ଓ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ନ ଆସିଲେ ଓଡିଶାର ଆଖି ଦୃଷ୍ଟିଆ ପ୍ରଗତି ହୋଇପାରିବ ନାହିଁ । ଏହାକୁ ଆଖିଆଗରେ ରଖି ସେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପରିଚାଳନା କମିଟିର ପ୍ରତ୍ୟକ୍ଷ ନିୟନ୍ତ୍ରଣରୁ ମୁକ୍ତ କରି ୧୯୭୪ ମସିହାରେ ପ୍ରଚଳନ କରିଥିଲେ ଯୁଗାନ୍ତକାରୀ ଓ ବହୁଚର୍ଚ୍ଚିତ ପ୍ରତ୍ୟକ୍ଷ ଅନୁଦାନ ଆଇନ୍ । ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ଋଣୀ ହୋଇରହିବ ।

ସେହିପରି ଦୀନହୀନ, ଖଟିଖିଆ ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ଦୁଃସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍ । ଏହି ଆଇନ୍ ଅନୁସାରେ ବହୁ ଜମିଦାରଙ୍କଠାରୁ ସିଲିଂ ବହିର୍ଭୁତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବାର ବ୍ୟବସ୍ଥା କରାଯାଇଥିଲା । ଏହି ଭୂସଂସ୍କାର ଆଇନ୍ ଯୋଗୁଁ ଅନେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କର ସମାଲୋଚନାର ଶରବ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ଭ୍ରୁକ୍ଷେପ କରିନଥିଲେ । ସେହିପରି ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ସୁଧଖୋର ମହାଜନମାନଙ୍କ ଶୋଷଣରୁ ରକ୍ଷା କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଥିଲେ ସେ ସମୟରେ ତାହା ତାଙ୍କର ଅନ୍ୟ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା । ସେହିପରି ଶିଳ୍ପର ବିକାଶ ନିମନ୍ତେ ସେ କେତେକ ବଳିଷ୍ଠ ପଦକ୍ଷେପ ନେଇଥିଲେ । ତନ୍ମଧ୍ୟରେ ତାଳଚେରର ସାର କାରଖାନା ଓ ଗୋପାଳପୁରର ରେୟାର ଆର୍ଥ କମ୍ପ୍ଲେକ୍ସ ଅନ୍ୟତମ । ସେହିପରି ଜଳସେଚନ ବ୍ୟବସ୍ଥାକୁ ସୁଧାରିବା ପାଇଁ ତାଙ୍କ ସମୟରେ ଅପର କୋଲାବ ଜଳ ପ୍ରକଳ୍ପ ଓ ରେଙ୍ଗାଲି ପ୍ରକଳ୍ପ ପରି କ୍ଷୁଦ୍ର ତଥା ମଧ୍ୟମ ଧରଣ ଜଳ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା । ଗଣତନ୍ତ୍ରର ସେ ଥିଲେ ଜାଗ୍ରତ ପ୍ରହରୀ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦ ପତ୍ର "ଧରିତ୍ରୀ'' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହା ପଛରେ ରହିଛି ସେହି ମହୀୟସୀ ମହିଳାଙ୍କ ନିରନ୍ତର ଉଦ୍ୟମର ଫଳଶ୍ରୁତି ।

# ନାରୀ ଉତ୍ତରଣ

ଚକ୍ରଧର ପ୍ରହରାଜ
ଏ-୨୮ ବିଜେବି ନଗର
ଭୁବନେଶ୍ୱର

ଉନବିଂଶ ଶତାବ୍ଦୀର ପ୍ରାୟ ଶେଷ ସମୟ। ଚାରିଆଡେ ଗଛଲତା ଭରାଥାଏ । ବୁଲିଗଲେ ବାଟରେ ଛୋଟ ଛୋଟ କଣ୍ଟେଇ ଆଦି ବିଭିନ୍ନ କୋଳିଗଛ ପଡେ। ଲାଲ୍ ଟୁହୁଟୁହୁ କୋଳିମାନ ପେଣ୍ଟା ପେଣ୍ଟା ହେଇ ପବନରେ ଏପଟ ସେପଟ ପହଁରୁଥାଏ। ସେଥିରୁ କିଛି ଖାଇ ଖାଇ ଅବଶିଷ୍ଟ ଲୁଗା କାନିରେ ବାନ୍ଧି ନେଇଯାଉ। ଗାଁ ମୁଣ୍ଡ ମନ୍ଦିର ପାଖ ଚାଟଶାଳୀରେ ରଘୁମାଷ୍ଟ୍ରେ ପିଲାମାନଙ୍କୁ ପଣିକିଆ, ପାହିଅଣା, କାଣି ବିଶ୍ୱା, କଡାଗଣ୍ଡା ଆଦି ପ୍ରଚଳିତ ଗଣିତ ମୁଖସ୍ଥ କରାଇ ପରୀକ୍ଷା ନେଉଥାଆନ୍ତି।

ଦିନକର କଥା ! ଜଣେ ବାଣ୍ଟୁଣି ବୃଦ୍ଧାଙ୍କ ସହ ଦେଖାହେଲା । ସେ ଆମ୍ବଗଛ ଛାଇରେ ଖଣ୍ଡେ ଅଖାପାରି ବସିଥାଆନ୍ତି। କିଏ ପିଲା ଫଳନ୍ତା ଆମ୍ବମାନଙ୍କୁ ଟେକା ମାରିବାର, ଚାରିଆଡକୁ ନିଘା ରଖିଥାଆନ୍ତି। ସୁଲୁସୁଲୁ ପବନରେ ଆଖିକୁ ନିଦ ଆସିଯାଉଥାଏ। ଆମ୍ବ କସି ବାସନାରେ ନିଦୁଆ ଗୀତ କଣ୍ଠରୁ ବାହାରି ଯାଉଥାଏ। ମୋତେ "ଦୁଇ" ମାଡିବାରୁ, ତର ତର ହେଇ ପାଖ ଚଉକାରେ ଧୋଇଧାଇ ହେଇ ବୁଢୀମାଙ୍କ ପାଖକୁ ଫେରିଲି। ତାଙ୍କୁ ଟିକିଏ ଆଁଉସିଦେଇ ପଚାରିଲି, ତାଙ୍କ ପିଲାଦିନ କଥାରୁ କିଛି ଶୁଣିବାକୁ ଉଚ୍ଛାହେଉଛି। ଶୁଣୁରେ ନାତି ଟୋକା! ବୟସ ମୋର ଅଶି ବା ନବେରୁ କମ୍ ହବନି। ମତେ ଯେତେବେଳେ ଆଠ ବରଷ, ମୋ ବିଭାଘର ହେଇଗଲା। ମୁଁ ବାପ ଘରେ ଥାଏ। ଖବର ପହଞ୍ଚିଲା, ମୋ ବର ବିଦେଶ ଯାଇଥିଲେ। ସେଠାରେ ମରିଗଲେ। ଏହା ଶୁଣି ମୁଁ ଆବାକାବା ହେଇ ଚାହିଁଚି। ଗାଁ ମାଇପିମାନେ, ମୋର ତ୍ରିବେଣୀ ଜାତରୁ ସଦ୍ୟ କିଣିଥିବା ସୁନ୍ଦର, ସୁନ୍ଦର ନାଲି କାଚ ମୋ ହାତରୁ ଜବରଦସ୍ତ କାଢିନେଇ ଭାଙ୍ଗିଦେଲେ। ମୁଁ କେତେ ଯେ କାନ୍ଦିଛି କହି ହବନି। ମୋ ବାପା ଭାଇ ମୋର ଶାଶୁଘରେ ଛାଡିଦେଲେ ମୁଁ କାହିଁକି ଜନ୍ମ ହେଲି, କେଉଁଠି ରହିବି, ଭାଗ୍ୟ କଣ ଲେଖିଛି ସବୁ ଅନ୍ଧାରରେ। ତା' ପରର ଅବସ୍ଥା ଶୁଣିଲେ, ପଥର ପାଣି ହେଇଯିବ। ପିଲା ଅବସ୍ଥାରେ ତାଡନା, ଗାଳି, ନାନା ଖୁଣ୍ଟୁଣା, ଝିଙ୍ଗାସି ବାକ୍ୟ ଶୁଣି ଶୁଣି ଦେହ କାଠ ପାଲିଟି ଗଲା, ଆସ୍ତେ ଆସ୍ତେ ଯେଉଁ ସଂସାରରେ ରହିଲି, ସେଠାକାର ପିଲା, କବିଲା, ଗାଈଗୋରୁ ଓ ଗଛଲତା ମୋର ଜୀବନ ପାଲଟିଗଲା। ମା' ଛେଉଣ୍ଡ ପିଲାମାନେ ମୋତେ "ମାଆ" ବୋଲି ଡାକିଲେ। ପଟ ପରିବର୍ତ୍ତନ ଏ ଦୁନିଆରେ ହେଇଗଲା।

ସବୁ ଭୋଗି ସାରିବାପରେ, ପିଲାଙ୍କୁ ମୋ ନିଜର କରି ବଡକଲି, ବର୍ତ୍ତମାନ ଅନ୍ଧୁଣି ବୁଢି। ଆଖିକୁ ଦିଶୁନି। ଅଣ୍ଟାଳି ଅଣ୍ଟାଳି ବାଡି ଖଣ୍ଡେ ଧରି ଚାଲୁଛି। କେହି ଆଖି ଦେଖେଇଲେ ନାହିଁ। ଶୀତଦିନେ ଲୁଗା ସିଲାଇ ଖଣ୍ଡେ କନା ପକାଇ ଶୁଏ ତ ଖଣ୍ଡେ ଘୋଡେଇହୁଏ। ଯେତେ ଶୀତ ହେଲେ ମୋ କନ୍ଥାଟି କେବଳ ଭରସା ହୁଏ। କଥା ସରିଲା ଫୁଲ ଗଛଟି ମରିଗଲା।

ଆଉଦିନେ ଆଉଜଣେ ମଧ୍ୟମା ବୟସ୍କା ମାଇପିର ଭେଟ ହେଲା। ଧନୀ ଘରର ବଡିମା, ମୋର ଖୁଡି ହିସାବ ହବ। ବର୍ଷା ଲାଗିଥାଏ। ମୁହଁ ସଂଜ ହେଇଆସୁଥାଏ। ପିଣ୍ଡାରେ ଗୋଡ ଛନ୍ଦି ବସି ହାଇମାରୁଥାଏ ଓ ଦୁଇହାତ ଟେକି ଅଳସ ଭାଙ୍ଗୁଥାଏ। ଗରମ ଉଷୁମ ମୁଢି, ସୋରିଷ ତେଲ ପଡିଥାଏ, ଚିନାବାଦାମ ମଞ୍ଜି ଛଡାଇ କଥା ଆରମ୍ଭକଲା ଓ ମତେ ଭୋଗେଇଟି ବଢାଇଦେଲା। ତା' ବାପଘର ଥିଲାବାଲା। ମୋ ବାହାଘରକୁ "ଡେ"ଲାଇଟ୍ ଗଣ୍ଡାଏ ଜଳୁଥିଲା ମୁଁ ପିନ୍ଧିଥିଲି ଗୋଡରେ ରୂପାର କଲିକଟା ପାହୁଡ, ବଳା, ଆଉ ତା ଉପରକୁ ଆଗତଳକୁ ପଞ୍ଚମ, ହାତକୁ ଖଡୁ, କାଚ ଓ ବଟଫଳ, ଅଣ୍ଟାକୁ ତିନିସରି ଗୋଠ, ବିଛା, ବେକକୁ ସୁଇକି ମାଳ, କଣ୍ଠି, ନାକକୁ ବସଣି ଗୁମା, କାନକୁ କୁଣ୍ଡଳ ଓ ପେଣ୍ଡି, ହାତରେ ଝୁମୁକା ମୁଦି, ମୁଣ୍ଡରେ ଚାନ୍ଦିର ଚଅଁର ପରି ଅଳଙ୍କାରମାନ ନାଇକରି ଝମଝମ ଶବଦରେ ଘର ପଡୁଥାଏ ଉଠୁଥାଏ। ଏଇଲେ ସେ ସବୁଯାକ ଗହଣା ବାପା ଦେଇଥିବା ପେଟରାରେ ସାଇତି ରଖିଛି। ସେ ସବୁ ବୋହୂ ନାତୁଣୀମାନେ ନାଇବେ।

ଆରମ୍ଭ ହେଲା ବିଂଶ ଶତାବ୍ଦୀ। ଯୁଗ ପଲଟିଗଲା। ଝିଅମାନେ ପିଲାବେଳୁ ଗୀତ ଶିଖିଲେ। ସ୍କୁଲକୁ ଗଲେ, ଗଣେଶ ଓ ସରସ୍ୱତୀ ପୂଜା ବେଳେ ଡ୍ରାମାରେ ମିଶିଲେ ଓ ନାଚକଲେ। କେତେଲୋକ ନାକ ଟେକନ୍ତି ଓ ଝିଅମାନେ ଭେରେସା ହେଇଗଲେ କହି ଟାହି କରନ୍ତି। ଯେଣୁ ଦେଶର ସ୍ୱାଧୀନତା ସଂଗ୍ରାମୀମାନେ ଗାଁ, ଗାଁ, ବୁଲି ପ୍ରଚାର କଲେ, ମାଇପି ମାନେ ଦାଣ୍ଡକୁ ବାହାରିଲେ, ଝିଅପୁଅ ଭେଦଭାବ କମି ଆସିଲା। ଥେଟରରେ ପାର୍ଟନେଲେ, ରାସ୍ତାରେ ଗୀତ ବୋଲି ସଂଗ୍ରାମ ଗୀତ ଗାଇ ଚାଲିଲେ। ରଜ ପରବରେ ପାନ ଖାଇ ଅଳତାପିନ୍ଧି ଗାଁ ଦାଣ୍ଡରେ ଚାଲିଲେ। ପୁଚି ଖେଳି, କଉଡି ଆଦି ଖେଳ ଖେଳି ମନ ଖୁସିକଲେ। ପୋଷାକ, ଅଳଙ୍କାର ପରିପାଟିରେ ଢେର ଢେର ପରିବର୍ତ୍ତନ ହେଇଗଲା। ଆଗପରି ସ୍ତ୍ରୀ ଲୋକମାନେ କଛାମାରି ଲୁଗା ପିନ୍ଧିଲେନି। ଦେହରେ ରଙ୍ଗବେରଙ୍ଗର ବ୍ଲାଉଜ ଓ ସାୟା, ଅନ୍ତର୍ବସ୍ତ୍ର ପରିଧାନ କଲେ। ଗୋଡରେ ପାଉଁଜି, ଆଙ୍ଗୁଠିରେ ରଙ୍ଗିଲାମୁଦି, ହାତରେ କାଚ ବାହୁଟି ବେକକୁ ହରଡ ଫାଳିଆ ହାର, ମାଳି ଓ ନାକରେ ନୁଡୁକି, ଫୁଲ ଓ ମୁଣ୍ଡରେ ସିନ୍ଥି ନାଇଲେ। ଦିନକର କାମ ଦାମରେ ପରିବର୍ତ୍ତନ ବାରିହେଇ ପଡିଲା । ମିଳିମିଶି ପୂଜା କରିବା, ସଭାସମିତିରେ ଯୋଗଦାନ କରିବା ଓ ନାନା ରକମର ସେବା କାର୍ଯ୍ୟରେ ଯୋଗଦାନ କଲେ। ଚଳଣି, ଆତଯାତ ଓ ଠାଣିରେ ପରିବର୍ତ୍ତନ ଦେଖାଦେଲା, ଆଧୁନିକତାର ହାୱା ଦେଶ ବିଦେଶରୁ ବହିବାକୁ ଲାଗିଲା। ଝିଅମାନେ ପୁଅମାନଙ୍କ ସହ ସ୍କୁଲରେ ପଢିଲେ। କଲେଜରେ ଅଧ୍ୟୟନକଲେ, ବିଭିନ୍ନ ଆଲୋଚନା ଚକ୍ରରେ ସାମିଲ ହେଲେ ଡାକ୍ତରୀ, ଇଞ୍ଜିନିୟର ଓ ବୈଜ୍ଞାନିକ ଭାବେ ସମାଜରେ ପ୍ରତିଷ୍ଠିତ ହେଲେ। ବେଶଭୁଷା ବଦଳିଲା। ପୁରୁଣା ଦକ୍ଷିଣୀ ଓ ଫର୍ଦ୍ଦଶାଢି ଉଠିଗଲା। ଦୋକାନୀକୁ ଅନ୍ୟ ଅନ୍ୟ ରାଜ୍ୟରୁ ପ୍ରକାର ପ୍ରକାର ଡିଜାଇନ୍‌ର ଶାଢି କପଡା ପରିପାଟୀକୁ ବଦଳାଇ ଦେଲା ବେକରେ ଚେନ୍, ହାର, ଲକେଟ୍, କାନରେ ଇୟରରିଙ୍ଗ, କାନକୁ ଫେଣ୍ଡି, ଫୁଲ ବାହାକୁ କଙ୍କଣ ଆଦି ଆଭରଣ ଚଳିଲା। ଯୁଗ ବଦଳି ଆଧୁନିକ ସମୟର ହାୱା ପହଁରି ଚାଲିଛି। ଗତିଶୀଳତାକୁ ଶାଣିତ କଲା ବିଦେଶୀ ପୋଷାକର ଢାଞ୍ଚା। ପ୍ରତିଫଳିତ ହେଲା ଝିଅମାନେ ଘରେ ବାହାରେ ଫୁଲ୍ ପ୍ୟାଣ୍ଟ, ଫୁଲ ସାର୍ଟ ପିନ୍ଧିକରି ଚଲାବୁଲା କରୁଛନ୍ତି। ହାତରେ ପଟେ ପଟେ ଚୁଡି ପିନ୍ଧି କମ୍ପୁଟରରେ କାମ କରୁଛନ୍ତି। ଅଳଙ୍କାର ଡିଜାଇନ୍ ଓ ଫେସନ୍‌ରେ ଭଳିକିଭଳି ପରିବର୍ତ୍ତନ ହୋଇ ଆନ୍ତର୍ଜାତିକ ସ୍ତରରେ ପହଞ୍ଚିଲାଣି। ଦେଶକେ ଫାଙ୍କ। ମନଲୋଭା ଡିଜାଇନ୍‌ର ଅଳଙ୍କାର ଦୋକାନ ଖୋଲି ଚାଲିଛି। ଆକର୍ଷଣ ବୃଦ୍ଧିପାଉଛି। ସୁନା ବାଦେ ରୂପାର ଚାହିଦା ମଧ୍ୟ ବଢୁଛି। ରୂପା କେବଳ ଅଳଙ୍କାର ନୁହେଁ, ବିଭିନ୍ନ ଡିଜାଇନ୍‌ର ଘର ସଜା, ଉପଢୌକନ ଓ ସମ୍ବର୍ଦ୍ଧନା ଦ୍ରବ୍ୟ ଭାବେ, ଖେଳ ଆଦି ଉତ୍ସବରେ ବ୍ୟବହାର ହେଉଛି। ଏତଦ୍ ବ୍ୟତୀତ ଇମିଟେସନ୍ ଗହଣା ମାର୍କେଟ୍ ଭରିହେଇ ଗଲାଣି। ଡିଜାଇନ୍ ଏପରି ହୋଇଛି, ସୁନା କି ହୀରା ଚିହ୍ନିବାକୁ କଷ୍ଟ ହେଉଛି। ଆଜି କାଲି ପିଲା ବା ବଡ ମାନେ ସମାଜର ଚେରି ଚପଟ ବ୍ୟବସ୍ଥା ଦେଖି ଇମିଟେସନ ଯୁଗକୁ ମନବଳେଇଲେଣି। ଏହାର ଆଦୃତି ବଢି ଚାଲିଛି।

ଅନ୍ୟଏକ ବିଡମ୍ବନା ଦେଖିବାକୁ ମିଳିଲାଣି, ଝିଅ ଜନମ ପର ଘରକୁ ସଜ୍ଞା ବଦଳିଗଲାଣି, ଶାଶୂ ଘର କର୍ମଶାଳା ଓ ବଂଶ ବୃଦ୍ଧିପାଇଁ ଉଦ୍ଦିଷ୍ଟର ଚିରାଚରିତ ଧାରା ଆଉ ସମାଜ ଗ୍ରହଣ କରିପାରୁନାହିଁ। ଆସିଛି ଅତ୍ୟାଧୁନିକ ଯୁଗ। ପୋଷାକ ପତ୍ର ଚାଲିଚଳନ ଓ ଆଦାବ୍ କାଇଦାରେ ପୁଅ ଝିଅଙ୍କ ମଧ୍ୟରେ ତଫାତ୍ ବାରିହେଉନି। ଝିଅମାନେ ଘରେ, ଆଉ ବାହାରେ ଫୁଲ୍ ପ୍ୟାଣ୍ଟ, ଫୁଲ ଜାମା, ହାତରେ ପଟେ ପଟେ ସରୁ କାଚ ପିନ୍ଧି କମ୍ପୁଟର ଆଦି ବିଭିନ୍ନ କାର୍ଯ୍ୟରେ ଲିପ୍ତରହୁଛନ୍ତି। ସାଜସଜାରେ ସୁନା, ହୀରାର ଚାହିଦା ବଢି ଚାଲିଛି। ଡିଜାଇନ୍‌ରେ ମଧ୍ୟ, ବିଦେଶାଗତ ନବ ନବ କୃତି ପ୍ରକଟିତ ହେଉଛି। ବଜାରରେ ଗହଣା ଦୋକାନ ପ୍ରଧାନ ପ୍ରଧାନ ରାସ୍ତାବାଦେ ଗଳିମାନଙ୍କରେ ପ୍ରବେଶ କଲେଣି। ଯାହାଦ୍ୱାରା ଚୋରି ଡକାୟତି ବଢି ବଢି ଚାଲିଛି। ଝିଅଟିଏ ଶାଶୁଘରେ ଚଳିବାର ପରମ୍ପରା ବଦଳିଛି। "ବୋହୂ ପରସା ଶବ୍ଦ ଉଠିଗଲାଣି, ଯାହାକି ପ୍ରଥମ କର୍ତ୍ତବ୍ୟ ଥିଲା, ବୋହୂ ରୋଷେଇ ଘର ଦେଖିନାହିଁ, ଗ୍ୟାସ ଲଗାଇବା, ଶାଗ ମାଛ ରାନ୍ଧିବା ତ ଦୂରର କଥା, ତାହାପାଇଁ ଶାଶୁ ରାନ୍ଧିକରି ଦିଏ, ନଚେତ ବଡ ଘରେ ରୋଷେଇ ବାଲା ଥାଏ। ବନ୍ଧୁ ବାନ୍ଧବ ଆସିଲେ, ବଜାରରୁ ଚାହା ବିସ୍କୁଟ ଆଣି ଚର୍ଚ୍ଚା କରାଯାଏ । ବର୍ତ୍ତମାନ ନାରୀ ସଶକ୍ତି କରଣ ଯୁଗରେ ଶାଶୂମାନଙ୍କୁ ଜଗିରଖି ଚଳିବାକୁ ପଡିବ। ଦେଶର ଆଇନ୍ କାନୁନ୍ ଓ ବିଚାର ବ୍ୟବହାରରେ ପରିବର୍ତ୍ତନ ହେଉଛି। ତାହାକୁ ମନେ କରି ହୁସିଆର ହେଇଯିବା ଉଚିତ୍।

ଯାହା ଜଣାପଡୁଛି ନାରୀ ଶକ୍ତିର ଉନ୍ନତିକରଣ ହେବାରେ ଲାଗିଛି। ଚିରାଚରିତ ବିଚାରଧାରା, ଚଳଣୀ, ସମାଜର ଚାହିଁବାରେ ଉନ୍ନତି ଆସିଲାଣି। ସ୍ନେହ ଶ୍ରଦ୍ଧା, ପୁରୁଷ, ସ୍ତ୍ରୀର ସଂଲଗ୍ନତା କମି ଆସୁଛି। ମନ ଫଟାଫଟି, ସହନଶୀଳତା, ସହଜାତ ପ୍ରେମର ସାହିତ୍ୟ ଦୋହଲି ଗଲାଣି। କଥା କଥାକେ "କୋଟ୍ କଚେରୀ ଦଉଡିବାକୁ ପଡିଲାଣି। "ଜୀବନ- ଜୀବନର ସାଥି କାଳ କାଳକୁ" ପରମ୍ପରା କଳୁଷିତ ହେବାକୁ ଯାଉଛି। ଆମ ଦେଶର ଆଦର୍ଶ, ବିଦେଶର ବିଚାରଧାରାରୁ ଭିନ୍ନ। ଆଧ୍ୟାତ୍ମ ଭାବ ଜାଗ୍ରତ କରି ଉନ୍ମିଳିତ ହେଲେ, ଶିକ୍ଷା ସଭ୍ୟତା ସତ୍‌ମାର୍ଗରେ ଆଗେଇବ, ବଂଶଧର ସୁ-ନାଗରୀକ ଭାବେ ଉଭାହେବେ। ଦେଶ ଏହାହିଁ ଚାହେଁ।

# 'ଫୁଲେ' ଚଳଚ୍ଚିତ୍ରକୁ ଭୟ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦


ବହୁ ବାଦବିବାଦ ପରେ 'ଫୁଲେ' ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ସମଗ୍ର ଦେଶ ତଥା ଓଡ଼ିଶାର କିଛି ସୀମିତ ପ୍ରେକ୍ଷାଳୟରେ ଏହା ଚାଲୁଛି। ଏହାର କାରଣ ହେଉଛି ବିତରକ ଓ ପ୍ରେକ୍ଷାଳୟ ମାଲିକମାନେ ଏଦିଗରେ ବିଶେଷ ଆଗ୍ରହ ଦେଖାଉ ନାହାଁନ୍ତି। ଅନନ୍ତ ମହାଦେବନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ପ୍ରାରମ୍ଭରୁ ବିବାଦରେ ରହିଛି। ଚଳଚ୍ଚିତ୍ରଟି ଏପ୍ରିଲ ୧୧ ତାରିଖ ଦିନ ଶୁଭମୁକ୍ତି ପାଇବାର ଥିଲା, କିନ୍ତୁ ସେନ୍ସର ବୋର୍ଡ ଏହା ଉପରେ ୧୨ଟି କଟ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଥିଲା ଯେ ଏଗୁଡିକରେ ନିର୍ଦ୍ଦିଷ୍ଟ ଜାତି ଉପରେ ଆକ୍ଷେପ ଓ ଅପମାନ ସୂଚକ ପ୍ରଦର୍ଶନ ରହିଛି। ଫଳରେ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାରେ ବିଳମ୍ବ ହେଲା। ନିର୍ଦ୍ଦେଶିତ ପରିବର୍ତ୍ତନ ପରେ ଚଳଚ୍ଚିତ୍ରଟି ଏପ୍ରିଲ ୨୫ ତାରିଖ ଦିନ ମୁକ୍ତିଲାଭ କରିଛି। ଐତିହାସିକ ପୃଷ୍ଠଭୂମି ଉପରେ ତିଆରି ଏହି ଚଳଚ୍ଚିତ୍ର ଉପରେ ଏତେଗୁଡାଏ କଟ୍ ଲାଗିବା ଫଳରେ ଏହାର ଐତିହାସିକ ବିଷୟବସ୍ତୁ ଉପରେ ଆଞ୍ଚ୍ ଆସିଛି। ତତକାଳୀନ ଘଟଣା ପ୍ରବାହ ସମ୍ପୂର୍ଣ୍ଣଭାବେ ପ୍ରଦର୍ଶିତ ହୋଇ ପାରିନାହିଁ। ସେନସର ବୋର୍ଡ଼ର ଏହା ଅବାଞ୍ଛିତ ହସ୍ତକ୍ଷେପ୍ ବୋଲି ଏହାର ପ୍ରଡକ୍ସନସ ହାଉସ ଅଭିଯୋଗ କରିଛି। ନିର୍ଦ୍ଦେଶକ ମଧ୍ୟ ସେନସର ବୋର୍ଡର ଏପରି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ସେନସର ବୋର୍ଡ଼ର ଏପରି କଟ ନିର୍ଦ୍ଦେଶକୁ ନେଇ ସାରା ଦେଶରେ ବିତର୍କ ଆରମ୍ଭ ହୋଇଯାଇଛି। ସାମଜିକଭାବେ ଲୋକମାନେ ଦୁଇ ଭାଗରେ ବିଭକ୍ତ ହୋଇଯାଇଛନ୍ତି। ବିବାଦ ସର୍ବୋଚ୍ଚକୁ ଚାଲିଗଲା ଯେତେବେଳେ ସୁପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଅନୁରାଗ କାଶ୍ୟପ ଅସନ୍ତୁଷ୍ଟ ହୋଇ ଏକ ନିର୍ଦ୍ଦିଷ୍ଟ ସମୁଦାୟ ଉପରେ ପରିସ୍ରା କରିବେ ବୋଲି କହିଲେ।

ଅତୀତ ହେଉଛି ଇତିହାସ। ଏଥିରେ ଭଲବି ଅଛି ମନ୍ଦ ବି ଅଛି। ଅତୀତର ଭଲରୁ ଆମେ ଶିଖିବା ଓ ମନ୍ଦକୁ ପରିତ୍ୟାଗ କରିବା। ସେ ଭଲ ହେଉ କି ମନ୍ଦ ହେଉ ଇତିହାସର ସତ୍ୟତାକୁ ସ୍ୱୀକାର କରିବାକୁ ପଡ଼ିବ। ଆଦିମାନବ ଜଙ୍ଗଲ ଓ ପାହାଡ ଗୁମ୍ଫାରେ ରହୁଥିଲା। ବସ୍ତ୍ର ପରିଧାନ ଜାଣି ନଥିଲା। ସେ କଞ୍ଚା ମାଂସ ଖାଉଥିଲା ଓ ହିଂସ୍ର ପ୍ରବୃତ୍ତିର ଥିଲା। ଏ ସତ୍ୟତାକୁ ଆମେ କଣ ଅସ୍ୱୀକାର କରିପାରିବା। ଏ କଥାଗୁଡ଼ିକୁ ଉଲ୍ଲେଖ କଲେ, ଆମେ ଆମ ପୂର୍ବପୁରୁଷମାନଙ୍କୁ ଅପମାନିତ କରୁଛୁ ବୋଲି ଧରାଯିବ କି ? ସଭ୍ୟତାର ବିକାଶ ସହିତ ମନୁଷ୍ୟ ତାର ବିଶ୍ୱାସ ଓ ସମାଜିକ ଚଳଣୀରେ ଅନେକ ପରିବର୍ତ୍ତନ ଆଣିଛି। ଆସ୍ତେ ଆସ୍ତେ ସେ ମାର୍ଜିତ ଓ ସୁସଭ୍ୟ ହେଉଛି। କୁସଂସ୍କାର ଓ କୁପରମ୍ପରାକୁ ଛାଡ଼ି ଶ୍ରେଷ୍ଠତାର ଅନ୍ୱେଷଣରେ ଆଗକୁ ବଢୁଛି। ଏହା କେବଳ ଭାରତ ବର୍ଷରେ ନୁହେଁ, ସାରା ବିଶ୍ୱରେ ଏ ପ୍ରକ୍ରିୟା ଚାଲିଛି। ଅତୀତରେ ନରବଳୀ ଥିଲା, ସତୀଦାହ ପ୍ରଥା ଥିଲା, ଦେବଦାସୀ ପ୍ରଥା ଥିଲା, ଏହିପରି ଅନେକ ପ୍ରକାରର କୁପ୍ରଥା ଥିଲା। ବିଶ୍ୱର ପ୍ରତ୍ୟେକ ଦେଶର ଇତିହାସରେ ଏପରି କିଛି ଅବାଞ୍ଛିତ ପ୍ରଥା ଓ ପରମ୍ପରା ଥିଲା। ଆଜି ସେ ସମସ୍ତ ବିଷୟ ପ୍ରାୟତଃ ଇତିହାସର ପୃଷ୍ଠା ମଣ୍ଡନ କରୁଛି।

ଇତିହାସର କ୍ରୁର ସତ୍ୟତାକୁ ଜାଣିବା ଓ ତାକୁ ପରିହାର କରି ଆଦର୍ଶ ମାର୍ଗରେ ପରିଚାଳିତ ହେବା ଗୋଟିଏ କଥା ଓ ଅତୀତର କ୍ରୁରତାକୁ ଜାଣି ତାକୁ ଫେରାଇ ଆଣିବାକୁ ଚେଷ୍ଟା କରିବା ଆଉ ଗୋଟିଏ କଥା। ଇତିହାସର କ୍ରୁରତାକୁ ଜାଣିବାରେ କୌଣସି ସମସ୍ୟା ନାହିଁ। ସମସ୍ୟା ଅଛି ସେହି କ୍ରୁରତାକୁ ନେଇ ଗର୍ବ କରିବାରେ ଓ ତାହାକୁ ଏକ ଆଦର୍ଶଗତ ପରମ୍ପରାଭାବେ ବିବେଚନା କରିବାରେ। ଚଳଚ୍ଚିତ୍ରଟି ଜାତିବାଦର ବିଷମ ରୂପ ଓ ନାରୀ ପରାଧୀନତାର କଠୋରତା ଉପରେ ପର୍ଯ୍ୟବେଶିତ। ଏହା ଭାରତୀୟ ସାମାଜିକ ବ୍ୟବସ୍ଥାର ନିଚ୍ଛକ ସତ୍ୟତା। ଏହା କଣ ମିଛ ଯେ ଆମ ଦେଶରେ ଜାତିବ୍ୟବସ୍ଥା ନଥିଲା ଓ ଏବେ ନାହିଁ। ଜାତିଗତ ହିଂସା ନଥିଲା ଓ ଏବେ ନାହିଁ। ସେହିପରି ମହିଳାମାନେ କଣ ସମାନ ଅଧିକାର ଉପଭୋଗ କରୁଥିଲେ ଆଉ ତାଙ୍କୁ କଣ ଶିକ୍ଷାଗତ ସମାନ ଅଧିକାର ଦିଆଯାଇ ଥିଲା ? ଚଳଚ୍ଚିତ୍ରଟିରେ ପ୍ରଦର୍ଶିତ ବିଷୟବସ୍ତୁ ବିଗତ ଦୁଇ ଶତାବ୍ଦୀ ଇତିହାସର। ତତକାଳୀନ ସମାଜିକ ଅବସ୍ଥାର ଚିତ୍ର ଚଳଚ୍ଚିତ୍ରଟିରେ ପ୍ରଦର୍ଶିତ ହୋଇଛି। ସେ ସମୟର ଅତ୍ୟାଚାର କରୁଥିବା ଲୋକ ଏବେ ଅଛନ୍ତି ନା ଅତ୍ୟାଚାରର ଶିକାର ହୋଇଥିବା ଲୋକମାନେ ଏବେ ଅଛନ୍ତି। ସେମାନେ କେହି ନାହାଁନ୍ତି। ତେଣୁ ଏ ଚଳଚ୍ଚିତ୍ରଟିକୁ ଐତିହାସିକ ଘଟଣାର ଚଳଚ୍ଚିତ୍ର ଭାବେ ଦେଖିବା ଉଚିତ୍। ଅତୀତର ସେହି କ୍ରୁର ପରମ୍ପରାକୁ ନିରିଖିବା ଉଚିତ୍।

ଇତିହାସ କଠୋର ହୋଇପାରେ। କିନ୍ତୁ ଏହାକୁ ଲୁଚାଇବା କିମ୍ବା ମୋଡିମାଡି ଉପସ୍ଥାପନ କରିବା କିମ୍ବା ଇତିହାସକୁ ବିରୋଧ କରିବା ଆଦୌ ସମୀଚିନ ନୁହେଁ। ଇତିହାସ ଯାହା ତାକୁ ସେହି ରୂପରେ ପ୍ରଦର୍ଶନ କରାଯିବା ଉଚିତ। ଐତିହାସିକ ଘଟଣାବଳି ଉପରେ ପ୍ରସ୍ତୁତ ଚଳଚ୍ଚିତ୍ରକୁ ସେନ୍ସର ବୋର୍ଡ଼ କଇଁଚି ମାରି ପାରିବକି ? ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ବିଭିନ୍ନ ପଛୁଆବର୍ଗର ସାମାଜିକ ସଂଗଠନ ଅଭିଯୋଗ କରିଛନ୍ତି ଯେ ଯେହେତୁ ସେନସର ବୋର୍ଡ଼ରେ ଉଚ୍ଚବର୍ଗ ସଦସ୍ୟଙ୍କ ପ୍ରଧାନ୍ୟ ରହିଛି, ତେଣୁ ଜାତିଗତ ଭାବନାରେ ଏପରି କଟ୍ ନିର୍ଦ୍ଦେଶ ଦିଆଯାଇଛି। ଏପରି ହୋଇଥିଲେ ବିଷୟ ଅତ୍ୟନ୍ତ ଗମ୍ଭୀର। ଯେଉଁମାନେ ଚଳଚ୍ଚିତ୍ରଟିକୁ ବିରୋଧ କରୁଛନ୍ତି ସେମାନେ ପ୍ରମାଣ କରିଦେବା ପାଇଁ ଚାହାଁନ୍ତି ଯେ ସେମାନେ ସେହି ଦୁଇଶହ ବର୍ଷ ତଳର ମାନସିକତା ନେଇ ଏବେ ବି ବଞ୍ଚିଛନ୍ତି। ଜାତିବାଦକୁ ଏମାନେ ବିରୋଧ କରନ୍ତି ନାହିଁ କି ନାରୀ ସ୍ୱାଧୀନତାକୁ ଗ୍ରହଣ କରନ୍ତି ନାହିଁ।

ଫୁଲେ ଏକ ସଂସ୍କାର ଧର୍ମି ଚଳଚ୍ଚିତ୍ର। ସମସ୍ତ ମହଲରୁ ଏହାକୁ ସ୍ୱାଗତ କରାଯିବା ଆବଶ୍ୟକ। ରାଜନୈତିକ ଦୃଷ୍ଟିକୋଣରୁ ଏହାକୁ ଦେଖା ନଯାଉ। ଓଡ଼ିଶା ସରକାର ଚଳଚ୍ଚିତ୍ରଟିର ଅଧିକ ପ୍ରଦର୍ଶନ ଉପରେ ଧ୍ୟାନ ଦିଅନ୍ତୁ। ଆବଶ୍ୟକ ସ୍ଥଳେ ଏହାକୁ ଟ୍ୟାକ୍ସ ଫ୍ରି କରାଯାଉ। ହୁଏତ ରାଜ୍ୟରେ ଜାତିଗତ ମାନସିକତାକୁ ଦୂର କରିବା ପାଇଁ ଚଳଚ୍ଚିତ୍ରଟି ସହାୟକ ହେବ। ସମାନତା ପ୍ରାପ୍ତି ଦିଗରେ ଉପାଦେୟ ହେବ।




Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବଦଳିବ ଆରସିବି ହୋମ୍ ଗ୍ରାଉଣ୍ଡର ପୂରା ନକ୍ସା : କର୍ଣ୍ଣାଟକ ସରକାର

**ବେଙ୍ଗାଲୁରୁ**

୧୮ ବର୍ଷ ପରେ ପ୍ରଥମ ଆଇପିଏଲ୍ ଟ୍ରଫି ଜିତିବାର ଖୁସି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ପ୍ରଶଂସକଙ୍କ ପାଇଁ ଶୋକରେ ପରିଣତ ହୋଇଛି । ଜୁନ ୪ରେ ଆୟୋଜିତ ବିଜୟ ଉତ୍ସବରେ ଘଟିଥିବା ଭୟଙ୍କର ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ମାମଲା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି । ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ରାଜ୍ୟ ସରକାର ପୋଲିସ କମିଶନର ସମେତ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ଏବେ ଏହି ମାମଲାରେ କର୍ଣ୍ଣାଟକ ସରକାର ବଡ଼ ନିଷ୍ପତ୍ତି ନେଇ ପାରନ୍ତି । ଷ୍ଟାଡିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଉପରେ ବିଚାର କରୁଛନ୍ତି ସରକାର । କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁର କ୍ରିକେଟ୍ ଷ୍ଟାଡିୟମକୁ ସ୍ଥାନାନ୍ତର କରିବା ଉପରେ ଗମ୍ଭୀର ଭାବେ ବିଚାର କରୁଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ବ୍ୟକ୍ତିଗତ ଭାବେ ଏହି ଦୁର୍ଘଟଣାକୁ ନେଇ ମର୍ମାହତ । ସରକାରି ଏହି ମାମଲାରେ ଦୀର୍ଘକାଳୀନ ସମାଧାନ ଉପରେ ବିଚାର କରୁଛନ୍ତି । ସେହି ହିସାବରେ ଷ୍ଟାଡିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ । ସିଦ୍ଧରମୈୟା କହିଛନ୍ତି, ଏମିତି ଦୁର୍ଘଟଣା କୌଣସି ସରକାରଙ୍କ କାର୍ଯ୍ୟକାଳରେ ହେବା ଉଚିତ୍ ନୁହେଁ । ଏହି ଘଟଣା ମୋତେ ଓ ସରକାର ସମସ୍ତଙ୍କୁ ମର୍ମାହତ କରିଛି । ଘଟଣାରେ ୫ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି । ଗୁଇନ୍ଦା ବିଭାଗର ପ୍ରମୁଖ ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କୁ ମଧ୍ୟ ବଦଳି କରି ଦିଆଯାଇଛି । ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରାଯାଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ।

# ବେଙ୍ଗାଲୁରୁ ଦଳାଚକଟା ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆରସିବି

**ବେଙ୍ଗାଲୁରୁ**

ବେଙ୍ଗାଲୁରୁ ଦଳାଚକଟା ମାମଲାକୁ ଦିନ ଗଡ଼ିବା ସହ ଏହା ଗମ୍ଭୀର ରୂପ ନେବାରେ ଲାଗିଛି । ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରିବା ସହ ଆରସିବି ଟିମ୍ ସମେତ ୪ ପାର୍ଟି/ସଂଗଠନ ବିରୋଧରେ ଏଫଆଇଆର ରୁଜୁ କରିଥିଲା । ଏବେ ଏହାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଆରସିବି । ଏହା ପୂର୍ବରୁ ଏହି ଘଟଣାରେ ସରକାର କୌଣସି ଭାବେ ଦାୟୀ ନୁହନ୍ତି ବୋଲି କହି ସାରିଛନ୍ତି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ।

ଯେଉଁ ୪ ସଂଗଠନ ବିରୋଧରେ ଏଫଆଇଆର ରୁଜୁ ହୋଇଛି ସେଥିରେ ଡିଏନଏ ଏଣ୍ଟରଟେନମେଣ୍ଟ ନେଟୱର୍କ ସାମିଲ । ଡିଏନଏ ବେଙ୍ଗାଲୁରୁ ବିଜୟ



ଉତ୍ସବ ସମାରୋହର ଆୟୋଜକ ଥିଲା । କୋର୍ଟରେ ଆରସିବି ନିଜର ଆବେଦନରେ କହିଛି ଯେ, ରାଜ୍ୟ ପୋଲିସର ଅବହେଳା କାରଣରୁ ଏତେ ବଡ଼ ଦୁର୍ଘଟଣା ଘଟିଛି ।

'ଲାଇଭ ଲ'ରେ ଛପିଥିବା ଏକ ରିପୋର୍ଟ ମୁତାବକ ଯାଚିକାରେ ଦାବି କରାଯାଇଛି ଯେ, ଆରସିବି କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ, ଡିଏନଏ ନେଟୱର୍କ ଓ ପୋଲିସ ଅଧିକାରୀଙ୍କ ସହ ବିଚାର ବିମର୍ଶ କରିବା ପରେ ଭିକ୍ଟ୍ରି ପରେଡ୍ ଆୟୋଜନ କରିବାକୁ ଘୋଷଣା କରିଥିଲା । ଯାଚିକାରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଆରସିବି ଦ୍ୱାରା ସୋସିଆଲ ମିଡିଆରେ ସେୟାର ହୋଇଥିବା ପୋଷ୍ଟରେ ସ୍ପଷ୍ଟ ଭାବେ ଲେଖା ଯାଇଥିଲା ଯେ ପଡ଼ିଆରେ ସେହି ଲୋକଙ୍କୁ ପ୍ରବେଶ ଅନୁମତି ମିଳବି ଯେଉଁମାନେ ବେଙ୍ଗାଲୁରୁ ଦଳର ଅଫିସିଆଲ ୱେବସାଇଟ୍‌ରେ ପଞ୍ଜୀକୃତ କରିଛନ୍ତି ।

ଏହା ମଧ୍ୟ କୁହାଯାଇଛି ଯେ ଜୁନ ୪ ତାରିଖ ସକାରେ ଆରସିବିକୁ ମୌଖିକ ଭାବେ ସୂଚନା ଦିଆଯାଇ ଥିଲା ଯେ, ବେଙ୍ଗାଲୁରୁ ପୋଲିସ ଭିକ୍ଟ୍ରି ପରେଡ୍‌ର କାର୍ଯ୍ୟକ୍ରମକୁ ରଦ୍ଦ କରି ଦେଇଛି । ଏହା ସହିତ ଜଣାଇ ଦିଆଯାଇଥିଲା ଯେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବିଧାନସଭାରେ ବେଙ୍ଗାଲୁରୁ ଦଳକୁ ସମ୍ମାନିତ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ।

ଆରସିବି ନିଜର ଆବେଦନରେ କହିଛି ଯେ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଦଳର ସମ୍ମାନ ସମାରୋହରେ ଲୋକଙ୍କୁ ଆମନ୍ତ୍ରିତ କରିଥିଲେ । ଆରସିବି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଟୁଇଟ୍‌କୁ ପ୍ରମାଣ ଭାବେ ଉପସ୍ଥାପନ କରିଛି । ଫ୍ରାଞ୍ଚାଇଜ ଏହା ମଧ୍ୟ କହିଛି ଯେ, ଷ୍ଟାଡିୟମ ବାହାରେ ଦଳାଚକଟାରେ ଲୋକଙ୍କ ମୃତ୍ୟୁ ଖବର ସେତେବେଳେ ମିଳିଲା ଯେତେବେଳେ ଷ୍ଟାଡିୟମରେ ସମାରୋହ ଆରମ୍ଭ ହୋଇ ସାରିଥିଲା ।

# ବାରବାଟୀରେ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍

**କଟକ**

ବାରବାଟୀକୁ ପୁଣି ଫେରିଛି ଟି-୨୦ । ଆସନ୍ତା ଡିସେମ୍ବର ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ । ଏ ନେଇ ବିସିସିଆଇ ପୂର୍ବରୁ ଓସିଏ ସୂଚନା ଦେଇ ସାରିଥିବା ବେଳେ ଏବେ ବିଧିବଦ୍ଧ ଭାବେ ଖେଳସୂଚୀ ପ୍ରକାଶ କରିଛି । ଆସନ୍ତା ନଭେମ୍ବର ମାସରୁ ଦକ୍ଷିଣ ଆଫ୍ରିକା ଟିମ୍ ଭାରତ ଭ୍ରମଣରେ ଆସିବାକୁ ଥିବା ବେଳେ ଏହି ଗସ୍ତରେ ଉଭୟ ଟିମ୍ ମଧ୍ୟରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ବିଶିଷ୍ଟ ଏକ ସିରିଜ୍ ଖେଳାଯିବ । ତେବେ ଏହି ଟି ୨୦ ସିରିଜ ମଧ୍ୟରୁ ପ୍ରଥମ ମ୍ୟାଚଟି ବାରବାଟୀରେ ଖେଳାଯିବ । ସୂଚନାଯୋଗ୍ୟ, ବାରବାଟୀକୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରାଇବା ପାଇଁ ଓସିଏ ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା । ଗତ ଫେବୃଆରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ସଫଳତାର ସହିତ ଶେଷ ହୋଇଥିଲା । କେବଳ ମ୍ୟାଚ୍ ସମୟରେ ଫ୍ଲଡ ଲାଇଟ ଖରାପ ହେବା ଘଟଣାକୁ ଛାଡ଼ିଦେଲେ ବାକି ସବୁକିଛି ଯୋଜନା ମୁତାବକ ଚାଲିଥିଲା ।

# କେରଙ୍ଗ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଜାଁଳା ଏକାଦଶ ଚାମ୍ପିଅନ୍

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କେରଙ୍ଗ ପ୍ରିମିୟର ନାଇଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ (ଗୁରୁଜଙ୍ଗ ଏକାଦଶ, ବିଷ୍ଣେଜ ଏକାଦଶ କେରଙ୍ଗ, ଏକାମ୍ର କ୍ଷେତ୍ର ଭୁବନେଶ୍ୱର, ଫିୟରଲେସ ଫାଇଟର କେରଙ୍ଗ, କେ.ସିଏ କେରଙ୍ଗ, ଟାଇଟଲ କ୍ଲବ୍ ଜଟଣୀ, କୁମାର ଖାଡିଆ ଜଟଣୀ, ଜାଁଳା ଏକାଦଶ ଭାଗ ନେଇଥିଲେ । ପ୍ରଥମ ମ୍ୟାଚ୍ ଗୁରୁଜଙ୍ଗ ଏକାଦଶ ବନାମ ଭିଷ୍ଣେଜ ଏକାଦଶ ମଧ୍ୟରେ ଖେଳା ଯାଇଥିଲା । ଗୁରୁଜଙ୍ଗ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫୭/୬ କରିଥିବା ବେଳେ ଭିଷ୍ଣେଜ ଏକାଦଶ ନିର୍ଦ୍ଧାରିତ ୬ ଓଭରରେ ମାତ୍ର ୧୩୭ ରନ କରି ପରାଜିତ ହୋଇଥିଲା । ଏହି ଦଳର ଡବୁଲୁ ସର୍ବାଧିକ ୯୯ ରନ ବନାଇ ଥିଲେ ।

ଦ୍ୱିତୀୟ ମ୍ୟାଚ୍ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ବନାମ ଫିଅରଲେସ ଫାଇଟର



କେରଙ୍ଗ ମଧ୍ୟରେ ହୋଇଥିଲା । ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ଫିଅରଲେସ ଫାଇଟର କେରଙ୍ଗ ନିର୍ଦ୍ଧାରିତ ୬ ଓଭରରେ ୯୯/୩ ରନ କରିଥିଲେ । ଦ୍ୱିତୀୟ ବ୍ୟାଟିଙ୍ଗରେ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ନିର୍ଦ୍ଧାରିତ ଓଭରରେ ୧୦୩/୫ କରି ବିଜୟ ଲାଭ କରିଥିଲା ।

ତୃତୀୟ ମ୍ୟାଚ କେସିଏ କେରଙ୍ଗ ବନାମ ଟାଇଟଲ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା । ପ୍ରଥମ ବ୍ୟାଟିଂ କରି କେସିଏ କେରଙ୍ଗ ନିର୍ଦ୍ଧାରିତ ଓଭରରେ ୯୫/୫ ରନ କରିଥିଲେ । ଟାଇଟଲ କ୍ଲବ ଜଟଣୀ ଦ୍ୱିତୀୟ ବ୍ୟାଟିଂରେ ୯୭/୨ ରନ କରି ଜଟଣୀ ବିଜୟ ହାସଲ କରିଥିଲା ।

ଚତୁର୍ଥ ମ୍ୟାଚ୍ କୁମାର ଖାଡିଆ ଜଟଣୀ ବନାମ ଜାଁଳା ଏକାଦଶ ମଧ୍ୟରେ ହୋଇଥିଲା । ପ୍ରଥମ ବ୍ୟାଟିଂ କରି କୁମାର ଖାଡିଆ ଜଟଣୀ ନିର୍ଦ୍ଧାରିତ ଓଭରରେ ୧୩୩/୦ ରନ ବନାଇଥିଲା । ଦ୍ୱିତୀୟ ବ୍ୟାଟିଂ କରି ଜାଁଳା ଏକାଦଶ ନିର୍ଦ୍ଧାରିତ ଓଭରରେ ୧୩୫/୨ ରନ କରି ବିଜୟୀ ହୋଇଥିଲା ।

ସେହିଭଳି ପ୍ରଥମ ସେମିଫାଇନାଲ ଟାଇଟଲ କ୍ଲବ ଜଟଣୀ ଏବଂ ଗୁରୁଜଙ୍ଗ ଏକାଦଶ ମଧ୍ୟରେ ହୋଇଥିଲା । ପ୍ରଥମ ବ୍ୟାଟିଂ କରି ଗୁରୁଜଙ୍ଗ ଏକାଦଶ ୮୩/୭ ରନ ବନାଇଥିବା ବେଳେ ଟାଇଟଲ କ୍ଲବ ଜଟଣୀ ୮୪/୮ ସ୍କୋର କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଦ୍ୱିତୀୟ ସେମିଫାଇନଲ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ବନାମ ଜାଁଳା ଏକାଦଶ ମଧ୍ୟରେ ହୋଇଥିଲା ।

ଜାଁଳା ଏକାଦଶ ନିର୍ଦ୍ଧାରିତ ଓଭରରେ ୧୧୫/୩ ସ୍କୋର ବନାଇଥିବା ବେଳେ ଦ୍ୱିତୀୟ ବ୍ୟାଟିଂ କରି ଏକାମ୍ରକ୍ଷେତ୍ର ଭୁବନେଶ୍ୱର ନିର୍ଦ୍ଧାରିତ ଓଭରରେ ମାତ୍ର ୭ ରନ ପଛରେ ରହି ପରାଜୟ ହୋଇଥିଲା । ସେହିଭଳି ପରିଶେଷରେ ଫାଇନାଲ ମ୍ୟାଚ୍ ଜାଁଳା ଏକାଦଶ ଏବଂ ଟାଇଟଲ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଜାଁଳା ଏକାଦଶ ନିର୍ଦ୍ଧାରିତ ୫ ଓଭରରେ ୧୨୧ /୪ ସ୍କୋର କରିଥିବା ବେଳେ ଟାଇଟଲ କ୍ଲବ ଜଟଣୀ ମାତ୍ର ୬୦ ରନ କରି ଅଲ୍ ଆଉଟ ହୋଇ ଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଜାଁଳା ଏକାଦଶ ଚାମ୍ପିଅନ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟକୁ ସେକ ନସିରୁଦ୍ଦିନ ଏବଂ ମହମ୍ମଦ ସୋଲେମାନ ପରିଚାଳନା କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦୀୟା ମୁସଲିମ ଜମାତର ସଭାପତି ଓସିମ ଅହମଦ, କେରଙ୍ଗ ସରପଞ୍ଚ ମବରୁର ହୁସେନ, ସମିତି ସଭ୍ୟ ଶାହିଦ ମହମ୍ମଦ, ଜିଲ୍ଲା ମୁବଲ୍ଲିଗ ଇନଚାର୍ଜ ମୌଲାନା ହଲିମ ଅହମଦ ଖାନ୍ ଏବଂ କଟକ ମୌଲାନା ଫଜଲ ହକ ଖାନ୍ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରସାହି ସମିତି ସଭ୍ୟ ରାମଚନ୍ଦ୍ର ସାମନ୍ତରାୟ, କେରଙ୍ଗ ଯୁବ ସଂଗଠନର ସଭାପତି ମୋହିଉଦ୍ଦିନ ଖାନ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ଟ୍ରଫି ପ୍ରଦାନ କରା ଯାଇଥିଲା । କେରଙ୍ଗ କ୍ରିକେଟ ଆସୋସିଏସନର ସମସ୍ତ କର୍ମକର୍ତ୍ତା ତଥା ପୁରାତନ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ବହୁ ସାହାଯ୍ୟ ଓ ସହଯୋଗ କରିଥିଲେ ।

# ଏମଏସ ଧୋନୀଙ୍କୁ 'ହଲ୍ ଅଫ୍ ଫେମ୍'ରେ ସମ୍ମାନିତ କଲା ଆଇସିସି

**ନୂଆଦିଲ୍ଲୀ**



ପୂର୍ବତନ ଭାରତୀୟ ଅଧିନାୟକ ଏମଏସ ଧୋନୀ ସୋମବାର ଲଣ୍ଡନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇସିସି ହଲ ଅଫ ଫେମ୍‌ରେ ସାମିଲ ହୋଇଛନ୍ତି । ବର୍ଷ ବର୍ଷ ଧରି ସାମିଲ ହୋଇଥିବା ୧୧୫ ଜଣ ଖେଳାଳିଙ୍କ ତାଲିକାରେ ନୂତନ ଭାବେ ଯୋଗ ଦିଆଯାଇଥିବା ସାତ ଖେଳାଳିଙ୍କ (ପାଞ୍ଚ ଜଣ ପୁରୁଷ ଏବଂ ଦୁଇ ଜଣ ମହିଳା) ମଧ୍ୟରୁ ଧୋନି ଜଣେ ।

୧୧ତମ ଭାରତୀୟ ଖେଳାଳି (ନବମ ପୁରୁଷ ଖେଳାଳି) ଭାବେ ତାଙ୍କୁ ଏହି ସମ୍ମାନ ମିଳିଛି । ୨୦୦୪ରେ ଭାରତ ପାଇଁ ପ୍ରବେଶ କରିବା ପରେ, ଧୋନୀ ୨୦୦୭ରେ ପ୍ରଥମ ଆଇସିସି ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳର ଅଧିନାୟକତ୍ୱ ଗ୍ରହଣ କରିଥିଲେ ଏବଂ ଦଳକୁ ଟ୍ରଫି ଜିତାଇଥିଲେ । ସେ ୨୦୧୧ରେ ଦିନିକିଆ ବିଶ୍ୱକପ ଏବଂ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଜିତିଥିଲେ । ଭାରତ ପାଇଁ ଧୋନି ୩୫୦ଟି ଦିନିକିଆ ଖେଳିଛନ୍ତି, ଯେଉଁଥିରେ ୫୦.୫୭ ହାରରେ ୧୦,୭୭୩ ରନ ସ୍କୋର କରିଛନ୍ତି । ଏହି ସମୟରେ ସେ ୧୦ଟି ଶତକ ଏବଂ ୭୩ଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି । ସେହିପରି ସେ ୯୦ଟି ଟେଷ୍ଟ ଖେଳିଛନ୍ତି ଏବଂ ଏହି ଫର୍ମାଟରେ ତାଙ୍କ କ୍ୟାରିୟର ୩୮ରୁ କିଛି ଅଧିକ ହାରରେ ୪୮୭୬ ରନ ରହିଛି । ଯେଉଁଥିରେ ଛଅଟି ଶତକ, ଏବଂ ୱିକେଟ-କିପର ଭାବେ ପ୍ରାୟ ୩୦୦ ଡିସମିସାଲ କରିଛନ୍ତି । ଧୋନି ତାଙ୍କର ଶେଷ ଆନ୍ତର୍ଜାତିକ ମ୍ୟାଚ ୨୦୧୯ ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ପରାଜୟ ସମୟରେ ଖେଳିଥିଲେ ଏବଂ ୨୦୨୦ ଅଗଷ୍ଟରେ ଅବସର ଘୋଷଣା କରିଥିଲେ ।

ଆଇସିସି ଅନୁଯାୟୀ, "ହଲ୍ ଅଫ୍ ଫେମ୍ କ୍ରିକେଟରେ ଅସାଧାରଣ ଅବଦାନ ପାଇଁ ଖେଳର କିମ୍ବଦନ୍ତୀମାନଙ୍କୁ ସ୍ୱୀକୃତି ଦେଇଥାଏ ଏବଂ ସେମାନଙ୍କର ସଫଳତାକୁ ଉତ୍ସବ ରୂପେ ପାଳନ କରେ ।"

ନୂତନ ସାମିଲ ହୋଇଥିବା ପୂର୍ବତନ ଖେଳାଳିମାନେ, ଯାହାଙ୍କୁ ଆଇସିସି ହଲ ଅଫ ଫେମର୍ସ, ସିନିୟର କାର୍ଯ୍ୟନିର୍ବାହୀ, ଏବଂ ମିଡିଆ ପ୍ରତିନିଧିଙ୍କ ଏକ ପ୍ୟାନେଲ ଦ୍ୱାରା ଚୟନ କରାଯାଇଛି, ସେମାନଙ୍କୁ ଖେଳରେ ସେମାନଙ୍କର ଅସାଧାରଣ ଅବଦାନକୁ ସ୍ୱୀକୃତି ଦେଇ ସ୍ମାରକୀ କ୍ୟାପ ପ୍ରଦାନ କରାଯିବ ।

# ଇଂଲଣ୍ଡ ଗସ୍ତ ପୂର୍ବରୁ ଚୌକା-ଛକା ବର୍ଷା କଲେ ବୈଭବ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ଭବିଷ୍ୟତ କୁହାଯାଉଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଜିକାଲି ଜବରଦସ୍ତ ଫର୍ମରେ ଅଛନ୍ତି । ୨୦୨୫ରେ ରାଜସ୍ଥାନ ରୟାଲ୍ସ ପାଇଁ ଡେବ୍ୟୁ କରିଥିବା ଏହି ଯୁବ ବାମହାତୀ ଓପନର ଇଂଲଣ୍ଡ ଗସ୍ତ ପୂର୍ବରୁ ବେଙ୍ଗାଲୁରୁର ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ)ରେ ଚାଲିଥିବା ୧୯ବର୍ଷରୁ କମ୍ ଶିବିରରେ ବୋଲରମାନଙ୍କୁ ପ୍ରହାର କରୁଛନ୍ତି । ବୈଭବ ସମସ୍ତ ବୋଲରଙ୍କ ବିପକ୍ଷରେ ଚୌକା ଏବଂ ଛକା ବର୍ଷା କରିଛନ୍ତି, ସେ ପେସର ହୁଅନ୍ତୁ କିମ୍ବା ସ୍ପିନର । ତାଙ୍କର ଚମତ୍କାର ଫର୍ମ ସ୍ପଷ୍ଟ କରିଛି ଯେ, ସେ ଇଂଲଣ୍ଡରେ ଆଗାମୀ ସିରିଜ୍‌ରେ ମଧ୍ୟ ବୋଲର ମାନଙ୍କ ଉପରେ ପ୍ରବଳ ବର୍ଷିବେ ।

ବୈଭବ ଆଇପିଏଲରେ ତାଙ୍କର ବିସ୍ଫୋରକ ବ୍ୟାଟିଂ ଦ୍ୱାରା ସମସ୍ତଙ୍କ ହୃଦୟ ଜିତିଥିଲେ ଏବଂ ଏବେ ତାଙ୍କୁ ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ମଧ୍ୟ ସାମିଲ କରାଯାଇଛି । ବର୍ତ୍ତମାନ ବେଙ୍ଗାଲୁରୁର ଜାତୀୟ କ୍ରିକେଟ ଏକାଡେମୀରେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଶିବିର ଚାଲିଛି, ଯେଉଁଠାରେ ସମଗ୍ର ଦଳ ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ଅଭ୍ୟାସରେ ନିୟୋଜିତ ଅଛି ।

ଭାରତୀୟ ୧୯ ବର୍ଷରୁ କମ୍ ଦଳ ଚଳିତ ମାସ ଶେଷ ସୁଦ୍ଧା ଇଂଲଣ୍ଡ ଗସ୍ତ ପାଇଁ ଯାତ୍ରା କରିବ, ଯେଉଁଠାରେ



ସେମାନଙ୍କୁ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳ ସହିତ ୫ଟି ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ପଡ଼ିବ । ଏହି ସିରିଜ୍‌ର ପ୍ରଥମ ଦିନିକିଆ ୨୭ ଜୁନ୍‌ରେ ହୋଭର କାଉଣ୍ଟି ଗ୍ରାଉଣ୍ଡରେ ଖେଳାଯିବ । ୧୭ ବର୍ଷୀୟ ଆୟୁଷ ମହାତ୍ରେଙ୍କୁ ଏହି ଦଳର ଅଧିନାୟକ ଭାବରେ ମନୋନୀତ କରାଯାଇଛି । ଆଇପିଏଲ ୨୦୨୫ରେ ଆୟୁଷଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ଜର୍ସିରେ ଦେଖିବାକୁ ମିଳିଥିଲା । ବୈଭବ ଏହି ଗସ୍ତକୁ ନେଇ ବହୁତ ଗମ୍ଭୀର ଦେଖାଯାଉଛି । ସେ ବେଙ୍ଗାଲୁରୁରେ ଚାଲିଥିବା ଶିବିରରେ ନେଟ୍‌ରେ ବହୁତ ଝାଳ ବୁହାଉଛନ୍ତି ଏବଂ ବୋଲର ମାନଙ୍କ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ପକାଇଥିବା ଦେଖାଯାଉଛି । ତାଙ୍କର ଫର୍ମ ଦେଖି, ଦଳ ପରିଚାଳନା ମଧ୍ୟ ତାଙ୍କ ଉପରେ ବହୁତ ପ୍ରଭାବିତ, ଯାହା ଯୋଗୁ ତାଙ୍କୁ ଟପ ଅର୍ଡରରେ ଏକ ବଡ଼ ଭୂମିକା ଗ୍ରହଣ କରିବାର ଦାୟିତ୍ୱ ଦିଆଯାଇଛି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ, ବୈଭବ ବଡ଼ ଛକା ମାରିଥିବା ଦେଖାଯାଉଛି, ଯାହା ପ୍ରମାଣ କରୁଛି ଯେ ସେ ଇଂଲଣ୍ଡ ଗସ୍ତ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

# କୋଭିଡ୍-୧୯ରେ ସଂକ୍ରମିତ ହେଲେ ନେମାର

**ବ୍ରାସିଲ**



ବ୍ରାଜିଲ ଫରୱାର୍ଡ ଜୁନିୟର ନେମାର କୋଭିଡ୍ -୧୯ରେ ସଂକ୍ରମିତ ଥିବା ଚିହ୍ନଟ ହୋଇଛନ୍ତି । ଏଥିଯୋଗୁ ତାଙ୍କୁ ଦଳରେ ସାମିଲ କରା ଯାଇ ନଥିବା ତାଙ୍କ କ୍ଲବ ସାଣ୍ଟୋସ୍ ପକ୍ଷରୁ କୁହାଯାଇଛି । ୩୩ ବର୍ଷୀୟ ନେମାରଙ୍କ ନିକଟରେ କୋଭିଡ୍ ଲକ୍ଷଣ ଦେଖାଯାଇଥିଲା । ଏହାପରେ ତାଙ୍କୁ ତୁରନ୍ତ ଦଳର ଅନ୍ୟ ସଦସ୍ୟଙ୍କ ଠାରୁ ଅଲଗା ରଖାଯାଇଥିଲା । ପରେ ମେଡିକାଲ ଟେଷ୍ଟରୁ ସେ ସଂକ୍ରମିତ ଥିବା ଜଣାପଡ଼ିଥିଲା ବୋଲି ବ୍ରାଜିଲ ସିରି-ଏ ଦଳ ପକ୍ଷରୁ କୁହାଯାଇଛି । ତେବେ ନେମାର କେତେଦିନ ଲାଗି ପଡ଼ିଆରୁ ଦୂରେଇ ରହିବେ, ସେ ସମ୍ପର୍କରେ କିଛି କୁହାଯାଇନାହିଁ ।

# ମା' ଧରଣୀ ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବାଣୀପଙ୍ଗା ଚାମ୍ପିଅନ

**ଲାଞ୍ଜିଗଡ଼**

ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବୋରିଂପଦର ଖେଳ ପଡ଼ିଆରେ ଚାଲିଥିବା ମା' ଧରଣୀ ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଫାଇନାଲ ମ୍ୟାଚ୍ ସହିତ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ବାଣୀପଙ୍ଗା କ୍ରିକେଟ ଟିମ୍ ଚମ୍ପାଦେଇପୁରକୁ ହରାଇ ଚାମ୍ପିଅନ ହୋଇଛି । ଚମ୍ପାଦେଇପୁର ଟସ୍ ଜିତି ବାଣୀପଙ୍ଗା ଟିମ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ବାଣୀପଙ୍ଗା ୧୫ ଓଭରରେ ୮ ୱିକେଟ୍ ବିନିମୟରେ ୧୩୦ ରନ୍ କରିଥିଲା । ଜବାବରେ ଚମ୍ପାଦେଇପୁର ଟିମ୍ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୪ ରନ୍ କରିପାରିଥିଲା । ଫଳରେ ବାଣୀପଙ୍ଗା ୪୬ ରନରେ ବିଜୟୀ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗନ୍ନାଥପୁର ସମିତିସଭ୍ୟ ପ୍ରଦୀପ ମାଝୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପ୍ରେସ କ୍ଲବର କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ତଥା ଯୁବ ସାମ୍ବାଦିକ ପ୍ରଭୁରଞ୍ଜନ ସାମଲ, ଯୁବ ସମାଜସେବୀ ମୂରଲୀ ନାଏକ, ତରୁଣ କୁମାର ସାମଲ, ଅମିନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଭକ୍ତପ୍ରସାଦ ଦୋରା ଓ ବିପ୍ର ହରିଜନ ମ୍ୟାଚ ପରିଚାଳନା କରିଥିଲେ । ସ୍କୋର ବୋର୍ଡ ଦାୟିତ୍ୱରେ ଦାନେ ମାଝୀ ରହିଥିଲେ । ମା' ଧରଣୀ ଯୁବକ ସଂଘର କର୍ମକର୍ତ୍ତା ଚନ୍ଦ୍ର ମାଝୀ, ଗୌନ୍ତିଆ କୃଷ୍ଣଚନ୍ଦ୍ର ଗଉଡ଼, ଶିବ ମାଝୀ, ଜୟ ମାଝୀ, ଚଇତ ମାଝୀ, କ୍ଷେତ୍ର ମାଝୀ, ନିରଞ୍ଜନ ମାଝୀ, ଆନନ୍ଦ ଗଉଡ଼ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

e-mail- eekjrirrdivn@gmail.com
A-270
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
KEONJHAR IRRIGATION DIVISION,KEONJHAR.

1st Corrigendum to
e-Procurement Notice No.- OI(NCB) / 2025-26 Dated 03.06.2025
No 1654 Date 06.06.2025

The tender works invited vide e-Procurement Notice No.- 01(NCB) / 2025-26 Dated 03.06.2025 Is hereby cancelled due to administrative reason.

Sd/- Executive Engineer
Keonjhar Irrigation Division
OIPR-32476/11/0018/2526 Keonjhar

A-261
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
KHURDA IRRIGATION DIVISION, KHURDA
Dist: Khurda, Odisha - 752056
Tel/Fax: 06755-796308
Mail id:- eekhurdairrigationdivision@gmail.com
'e'-Procurement Notice No.KHD- 01 OF 2025-26, Dtd. 05.06.2025

1. Name of the work : 18 (eighteen) nos. of Civil Work
2. Tender Cost : Varies from Rs 23.37 Lakhs to Rs 49.95 Lakhs
3. Bid Document Cost : Rs 6000/-
4. Bid Security : Varies from Rs. 23400/- to Rs 50000/-
5. Class of Contractor : C&B
6. Period of Completion : 06 (six) calendar months
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 01-01 of 2025-26 to KHD 01-18 of 2025-26 | 12.06.2025 at 11.30 A.M | 21.06.2025 up to 5.30 P.M | 23.06.2025 at 11.00 A.M. |

8. e-mail Id eekhurdairrigationdivision@gmail.com
9. If required lottery may be held on **05.07.2025 at 11.00 AM**
Further detail conditions can be seen from the Govt, website www.tendersodisha.gov.in

Sd/- Superintending Engineer
Khurda Irrigation Division, Khurda
OIPR-32078/11/0008/2526

# ମା' କଲ୍ୟାଣୀଙ୍କ ପୀଠରେ ୩ ଦିନ ବ୍ୟାପୀ ଜୀର୍ଣ୍ଣଉଦ୍ଧାର କାର୍ଯ୍ୟକ୍ରମ



**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଚାନ୍ଦପୁର ଗ୍ରାମର ଇଷ୍ଟ ଦେବୀଙ୍କର ବହୁ ପୁରାତନ ମନ୍ଦିରର ଜୀର୍ଣ୍ଣଉଧାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବିଶ୍ୱାସ ଏବଂ ଅନ୍ଧ ବିଶ୍ୱାସର ବିଜ୍ଞାନ ଦୁନିଆରେ କେଉଁଠି ନା କେଉଁଠି ଲୋକମାନଙ୍କ ଭଗବାନ ଉପରେ ବିଶ୍ୱାସ ରହିଛି ଏବଂ ଲୋକମାନେ ମଧ୍ୟ ପଣ୍ଡିତମାନଙ୍କ ତତ୍ତ୍ୱାବଧାନରେ ମା'ଙ୍କ ନିକଟରେ ନିଜକୁ ସମର୍ପଣ କରୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି । ଏହି ଉତ୍ସବରେ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ, ପଣ୍ଡିତ ଗଙ୍ଗାଧର ମିଶ୍ରଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଯଜ୍ଞ ବାଚସ୍ପତି ଉମାବଲ୍ଲଭ ଦାସ, ପଣ୍ଡିତ ଅଶୋକ କୁମାର ପାଢ଼ୀ, ଆମ୍ବପୁର ଗ୍ରାମର ପଣ୍ଡିତ ଗଙ୍ଗାଧର ମିଶ୍ର, ଭାଗୀରଥୀ ମିଶ୍ର, ରବିନ୍ଦ୍ର ନାଥ ମିଶ୍ର, ଏବଂ ପଣ୍ଡିତ ଅକ୍ଷୟ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ୩ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ୍ଦିର ଜୀର୍ଣ୍ଣଉଧାର କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ଭାବେ ଚାନ୍ଦପୁର ଗ୍ରାମର ଯୁବକ ସଭାପତି ବାଲ୍ୟରାମ ଦଳେଇ, ଧର୍ମ ପତ୍ନୀ ପ୍ରିୟଙ୍କା ଦଳେଇ, ମଣ୍ଟୁ, ଅନୀଲ, ମୁନା, ଲିଲୁ, ପପୀ, ବାବୁଲା, ଟିକିନା, ମିଟୁ, ରାଜୁ, ସାଲୁ, ଶରତ, ବିକ୍ରମ, ଶିବରାମ ପ୍ରମୁଖ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା । ୬ ତାରିଖରେ ଅଙ୍କୁରା ରୋପଣ, ମଣ୍ଡଳକରଣ, ୭ ତାରିଖରେ ପୂଜାପାଠ, ବ୍ରାହ୍ମଣ ବରଣ, ଚଣ୍ଡୀପାଠ, ପାର୍ବତୀ ଅଗ୍ନି ସଂସ୍କାର ଅନୁଷ୍ଠିତ ହୋଇଯାଇଛି । ୮ ତାରିଖରେ ନରସିଂହ ପୂଜା ହବନ, ମନ୍ଦିର ଭଗ୍ନ, ପୂର୍ଣ୍ଣାହୁତି । ଶେଷରେ ପ୍ରସାଦ ଶେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନେକ ମାତ୍ରାରେ ଶ୍ରଦ୍ଧାଳୁ ଏବଂ ଭକ୍ତମାନେ ଯୋଗଦାନ କରିଥିଲେ ଏବଂ ମା' କଲ୍ୟାଣୀ ଦେବୀଙ୍କର ଆଶୀର୍ବାଦ ଏବଂ କୃପା ମଧ୍ୟ ଲାଭ କରିଥିଲେ ।

# କେନ୍ଦୁଝରରେ ପ୍ରଥମ କୋଭିଡ୍ ରୋଗୀ ଚିହ୍ନଟ

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟରେ କରୋନା ରୋଗୀ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ କେନ୍ଦୁଝର ଜିଲ୍ଲାରେ ପ୍ରଥମ କୋଭିଡ ରୋଗୀ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ସହର ମାଗୁରଗାଡିଆ ଅଞ୍ଚଳର ଜଣେ ୨୪ ବର୍ଷୀୟ ଯୁବକଙ୍କ ଗତ କିଛି ଦିନ ହେବ ଥଣ୍ଡା ଜ୍ୱର ଏବଂ କାଶ ନ କମିବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ପରୀକ୍ଷା କରାଯାଇଥିଲା । କୋଭିଡ୍ ପରୀକ୍ଷା ପରେ ପଜିଟିଭ ଥିବା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ହୋମ୍ ଆଇସୋଲେସନରେ ରହିବା ପାଇଁ ପରାମର୍ଶ ଦିଆଯାଇଛି । ସେ ମଧ୍ୟପ୍ରଦେଶରୁ ଫେରିବା ପରେ ଥଣ୍ଡା ଜ୍ୱର ଏବଂ କାଶ କମିନଥିଲା । ରାଜ୍ୟରେ କୋଭିଡ ଆକ୍ରାନ୍ତ ସଂଖ୍ୟା ୪୬ରେ ପହଞ୍ଚିଛି । ରାଜ୍ୟର ୮ ଜିଲ୍ଲାକୁ କୋଭିଡ ସଂକ୍ରମଣ ବ୍ୟାପିଲାଣି । କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ପିପିଇ କିଟ୍, ମାସ୍କ, ଅକ୍ସିଜେନ, ସଙ୍ଗରୋଧ ଶଯ୍ୟା, ଭେଣ୍ଟିଲେଟର ଆଦି ଯାଞ୍ଚ କରାଯିବା ସହ ପର୍ଯ୍ୟାପ୍ତ ପରିମାଣର ଔଷଧ ରଖିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସିଡିଏମଓ ଡାକ୍ତର କିଶୋର କୁମାର ପୃଷ୍ଟି ସୂଚନା ଦେଇଛନ୍ତି ।

# ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ପାରମ୍ପରିକ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲା ବାଲିଗୁଡ଼ା କଲ୍ୟାଣ ମଣ୍ଡପ ପରିସରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଓ ପ୍ରତିଯୋଗିତା ସିଡିପିଓ କ୍ରୀଷ୍ଟା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲିଗୁଡା ବିଡିଓ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଏହି ପାରମ୍ପରିକ ଖାଦ୍ୟ ମେଳାରେ ଘରୋଇ ପ୍ରସ୍ତୁତ ଖାଦ୍ୟ ତଥା ପାରମ୍ପାରିକ ଖାଦ୍ୟ ମିଠା, ଛେନା ଝିଲି, ପୋଡ ପିଠା, ରସା ବଳି, ଛେନା ପୋଡ଼, ଏଣ୍ଡୁରୀ ପିଠା, ପୋଡ଼ ପିଠା, ମଣ୍ଡା ପିଠା, ଜଳଖିଆରେ ଠୁଙ୍କା ପୁରୀ, ବରା, ଉପମା, ଦହି ବରା, ଚୁଡ଼ା ଘଷା ସହ ପକୋଡ଼ି, ଆଲୁଚପ୍, ସିଙ୍ଗଡ଼ା ଭଳି ସ୍ନାକ୍ସ ଘରେ ପ୍ରସ୍ତୁତି ଖାଦ୍ୟ ପ୍ରତି କିଭଳି ଆଗ୍ରହ ବଢ଼ିବ ସେନେଇ ଏହି ମେଳା ମାଧ୍ୟମରେ ସଚେତନ କରାଯିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜ ଘରେ ଓ ଗାଁରେ କିଭଳି ଅଧିକରୁ



ଅଧିକ ଏଭଳି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କରିବା ସହ ନିଜ ପିଲାମାନଙ୍କୁ, ପରିବାର, ସମ୍ପର୍କୀୟଙ୍କୁ ପାରମ୍ପରିକ ଖାଦ୍ୟ ଖାଇବାକୁ ଉତ୍ସାହିତ କରାଇବେ ସେଥିପାଇଁ ସେମାନଙ୍କୁ ଖାଦ୍ୟ ପ୍ରସ୍ତୁତିକୁ ନେଇ ପ୍ରତିଯୋଗିତା କରାଯାଇଥିଲ । ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଅଧିକ ପସନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା । ଏଥିରେ ବାଲିଗୁଡ଼ା ଏନଏସି ଓ ୧୪ ପଞ୍ଚାୟତ ର ୧୪ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ସର୍ବୋଚ୍ଚ କୃତିତ୍ୱ ଭାବେ ଚୟନ କରାଯାଇ ଜିଲ୍ଲା ସ୍ତରକୁ ପଠାଯିବ ବୋଲି ସିଡିପିଓ କ୍ରୀଷ୍ଟା ପଣ୍ଡା କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ନେହଲତା ସାହୁ, ବିଡିଓ ଅକ୍ଷୟ ମଲ୍ଲିକ ବାଲିଗୁଡ଼ା ଉପଖଣ୍ଡ ମେଡିକାଲର ଅଧ୍ୟକ୍ଷ ଶୁଭମ ସାହୁକାର ସମେତ ସାଂସଦ ପ୍ରତିନିଧି ପ୍ରମୁଖ ଯୋଗଦେଇ ସୁସ୍ଥ ସ୍ୱାସ୍ଥ୍ୟ ଗଠନ ପାଇଁ ଘରୋଇ ପାରମ୍ପରିକ ଖାଦ୍ୟର ଫାଇଦା ସମ୍ପର୍କରେ ମତ ପ୍ରକାଶ କରିଥିଲେ ।



ଭୁବନେଶ୍ୱର : ବିଧାନସଭା ପରିସରରେ ଥିବା ବିର୍ଶା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଉପସ୍ଥିତ ଅଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏକାମ୍ର ବିଧାୟକ ବାବୁ ସିଂ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

**ଜିନ୍ଦଲ ଷ୍ଟିଲର କାଶିଆ ମାଇନ୍ସରେ ଫ୍ଲାଗ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ୧୭୫ତମ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ**

# ଜାତୀୟ ପତାକା ସମସ୍ତ ଭାରତୀୟଙ୍କ ପାଇଁ ଗୌରବର ଉତ୍ସ: ନବୀନ ଜିନ୍ଦଲ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**

"ଜାତୀୟ ପତାକା ଏକତା, ସ୍ୱାଭିମାନ ଓ ଆମ ସାମଗ୍ରିକ ଆକାଂକ୍ଷାର ପ୍ରତୀକ। ଏହା ସମସ୍ତ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ"। ମାନ୍ୟବର କୁରୁକ୍ଷେତ୍ର ସାଂସଦ, ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ସଭାପତି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ଅଧ୍ୟକ୍ଷ, ଶ୍ରୀ ନବୀନ ଜିନ୍ଦଲ କେନ୍ଦୁଝର ଜିଲ୍ଲା କାଶିଆ ଆଇରନ ଆଣ୍ଡ ଡୋଲୋମାଇଟ ମାଇନ୍ସ ପରିସରରେ ୭୨ଫୁଟ ଉଚ୍ଚ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭକୁ ଲୋକାର୍ପିତ କରିବା ଅବସରରେ ଏହା କହିଛନ୍ତି। ଏହି ଗଗନଚୁମ୍ବୀ ସ୍ମାରକୀ ସ୍ତମ୍ଭରେ ୧୬୨୪ ଫୁଟ ବିଶାଳ ତ୍ରିରଙ୍ଗାର ଉତ୍ତୋଳନ ଜାତୀୟ ଗୌରବ ତଥା ଆଞ୍ଚଳିକ ପରିଚୟର ପ୍ରତୀକ। କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ ତାରିଣୀ ଓ ମହାପ୍ରଭୁ ଶ୍ରୀ ବଳଦେବ ଜୀଉଙ୍କ ନିକଟରେ ସ୍ଥାନୀୟ ଅଧିବାସୀଙ୍କ ମଙ୍ଗଳ କାମନା କରିବା ସହ ଦେଶର ସ୍ୱାଧୀନତାରେ ଧରଣୀଧର ଭୂୟାଁ, ଧରଣୀଧର ନାୟକ, ରତ୍ନା ନାୟକ ଓ ମଦନ ପଟ୍ଟନାୟକ ଏବଂ ଜିଲ୍ଲାର ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ଶ୍ରୀ ଜିନ୍ଦଲ ସ୍ମରଣ କରିଥିଲେ। ଏହା ସହିତ ସେ କହିଥିଲେ ଯେ କେନ୍ଦୁଝର, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଭୂମି ଓ କର୍ମଭୂମି ହୋଇଥିବାରୁ ସମସ୍ତେ ଅତ୍ୟନ୍ତ ଗର୍ବିତ। ଶ୍ରୀ ନବୀନ ଜିନ୍ଦଲ ତାଙ୍କ ଅଭିଭାଷଣରେ କହିଥିଲେ, " ଓଡ଼ିଶା ମୋର ମଧ୍ୟ କର୍ମଭୂମି ଏବଂ ଆମ ପରିବାର ଏହାର କଳା, ସଂସ୍କୃତି ଓ ଐତିହ୍ୟର ମୁଗ୍ଧ ପ୍ରଶଂସକ"। ଜିନ୍ଦଲ ଷ୍ଟିଲ ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଜରିଆରେ ଏହି ଅଞ୍ଚଳର ଲୋକଙ୍କ ଜୀବନମାନରେ ରୂପାନ୍ତରଣ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ପରିମଳ, ପାନୀୟ ଜଳ ଯୋଗାଣ ସହ ଓ ଅଣୁ ଶିଳ୍ପର ପ୍ରସାର ଦ୍ୱାରା ନିରନ୍ତର ବିକାଶ ପାଇଁ ବଦ୍ଧପରିକର। ଏହା ସହିତ ଉଚ୍ଚଶିକ୍ଷା ପାଇଁ ଜିନ୍ଦଲ ଫାଉଣ୍ଡେସନର ଲୋକପ୍ରିୟ 'ଯଶସ୍ୱୀ' କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ପାଇଁ ଗରିବ ଛାତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସରପଞ୍ଚ କୁଞ୍ଜ ବିହାରୀ ପଲାଇ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବା ଅବସରରେ କାଶିଆ ସମେତ କେନ୍ଦୁଝର ଜିଲ୍ଲାର ଓ ରାଜ୍ୟର ବିକାଶରେ ଜେଏସପିର ନିରନ୍ତର ଉଦ୍ୟମକୁ ପ୍ରଶଂସା କରିଥିଲେ। ଗୋଷ୍ଠୀ କଲ୍ୟାଣ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ାର ବିକାଶ ସମେତ ସଂସ୍କୃତିର ପୁନରୁଦ୍ଧାର ଓ ଏହାକୁ ବଜାୟ ରଖିବା ପାଇଁ ଜିନ୍ଦଲର ଉଦ୍ୟମ ପ୍ରଶଂସାଯୋଗ୍ୟ। ଆଗାମୀ ଦିନରେ ମଧ୍ୟ ମାନବ ବିକାଶ ସୂଚକାଙ୍କରେ ଉନ୍ନତି ପାଇଁ ଜିନ୍ଦଲ ପକ୍ଷରୁ ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଶ୍ରୀ ନବୀନ ଜିନ୍ଦଲଙ୍କ ଦୂରଦର୍ଶୀ ନେତୃତ୍ୱରେ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆ ୨୦୦୯ ମସିହାରେ ସମଗ୍ର ଭାରତରେ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରିବା କାର୍ଯ୍ୟ ଆରମ୍ଭ କରିଥିଲା । ସେବେ ଠାରୁ ଏହି ସଂଗଠନ ଓଡ଼ିଶାର ୯ଟି ସମେତ ଦେଶବ୍ୟାପୀ ୧୭୫ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା କରିସାରିଛି। ଶ୍ରୀ ଜିନ୍ଦଲଙ୍କ ଦଶନ୍ଧି ବ୍ୟାପୀ ଏହି ନ୍ୟାୟିକ ସଂଘର୍ଷ ପରେ ୨୦୦୪ରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ପ୍ରଦାନ କରିଥିଲେ। ଏହି ରାୟ ଦ୍ୱାରା ଦେଶର ସମସ୍ତ ନାଗରିକଙ୍କୁ ସବୁଦିନ ସଗୌରବେ ଜାତୀୟ ପତାକା ଉତ୍ତୋଳନର ଅଧିକାର ମିଳିଥିଲା। ଏହି ନ୍ୟାୟିକ ବିଜୟ ଆଧୁନିକ ସ୍ୱାଧୀନତା ସଂଗ୍ରାମ ବୋଲି ପରିଗଣିତ ହୁଏ, ଯାହା ଭାରତୀୟଙ୍କୁ ସେମାନଙ୍କ ଦେଶପ୍ରେମ ପ୍ରଦର୍ଶନ କରିବାର ମୌଳିକ ଅଧିକାରକୁ ପୁନଃସ୍ଥାପିତ କରିଥିଲା। ଜେଏସପିର ସଭାପତି ତଥା ଗ୍ରୁପ ମୁଖ୍ୟ ସିଏସଆର ଏଣ୍ଡ ଏଜୁକେସନ ପ୍ରଶାନ୍ତ ହୋତା, କର୍ପୋରେଟ ଯୋଗାଯୋଗ ବିଭାଗ, ସିଏସଆର ଓ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



କାଶିଆ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର ତାଙ୍କ ଧନ୍ୟବାଦ ଅଭିଭାଷଣରେ ଆଞ୍ଚଳିକ ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିବାରୁ ସେ ଉପସ୍ଥିତ ସମସ୍ତ ଅତିଥି, ହିତଧାରୀ, ଜେଏସପି କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ନାଗରିକ ମଦନ ବେହେରା, ପୂର୍ଣ୍ଣ ଚନ୍ଦ୍ର ମହାକୁଡ଼, କମ୍ପାନିର ବରିଷ୍ଠ ପ୍ରବନ୍ଧକ ଗୌତମ ମାଲହୋତ୍ରା, ରାଜେଶ ନାୟାର, ଅଶୋକ ମାହନ୍ତ ଓ ଆଶିଷ ପାଣ୍ଡେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ତ୍ରିରଙ୍ଗା ଉତ୍ସବରେ ସାମିଲ ହେବା ଓ ଗୁଣାତ୍ମକ ଶିକ୍ଷା ଓ ଦକ୍ଷତା ବିକାଶରେ ଅତୁଳନୀୟ ଅବଦାନ ଥିବା ନବୀନ ଜିନ୍ଦଲଙ୍କୁ ପ୍ରତ୍ୟକ୍ଷ ଭାବେ ଦେଖିବା ତାଙ୍କ ପାଇଁ ଏକ ଐତିହାସିକ ମୂହୁର୍ତ୍ତ ବୋଲି ସ୍ଥାନୀୟ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରିୟା ମୁଣ୍ଡା କହିଛନ୍ତି।

# ରାଜ୍ୟ ସରକାରଙ୍କୁ ଘେରିବ ବିଜେଡି: ଆଜି ଶଙ୍ଖ ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ସକାଳ ୧୧ଟା ସମୟରେ ଶଙ୍ଖ ଭବନରେ ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକ ବସିବ । ଯାହାର ଅଧ୍ୟକ୍ଷତା କରିବେ ବିରୋଧୀ ଦଳ ନେତା ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । ତେବେ ମଙ୍ଗଳବାର ବସିବାକୁ ଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ । ଖାସ କରି ବିଜେପିର ଏକ ବର୍ଷ ବିଫଳତାର ବର୍ଷ । ତେଣୁ ସେନେଇ ଆଲୋଚନା ହେବ । ସରକାର କହୁଛନ୍ତି ଦୁର୍ନୀତି ହେଉନି । ସେପଟେ ଜଣେ ଆଇଏଏସ୍ ଅଫିସରଙ୍କ ଘରୁ ୪୭ ଲକ୍ଷ ଟଙ୍କା ବାହାରୁଛି । ଦୁର୍ନୀତିର ଉତ୍ସ ହେଉଛି ସଚିବାଳୟ । ନହେଲେ ଏତେ ଟଙ୍କା କୁଆଡୁ ଆସିବ । ତାହା ପୁଣି ଜଣେ ଯୁବ ଅଫିସରଙ୍କ ଘରୁ । ସରକାର ଯାହା ତଥ୍ୟ ଦେବେ ଦିଅନ୍ତୁ। ଆମେ ତାଙ୍କ ବିଫଳତାର ପର୍ଦ୍ଦାଫାଶ କରିବୁ ବୋଲି କହିଛନ୍ତି ବିଜେଡି ଓବିସି ସେଲ୍ ଆବାହକ ଅରୁଣ ସାହୁ ।

**ଏସ୍‌ସିବିରେ ପୁଣି ସଫଳ ହେଲା କିଡ୍‌ନୀ ପ୍ରତିରୋପଣ**

# କିଡ୍‌ନୀ ଦାନ କରି ଅମର ହେଲେ ବିଶ୍ୱଜିତ, ନୂତନ ଜୀବନ ପାଇଲେ ସୁନୀଲ

**କଟକ, ନ୍ୟୁଜ ବ୍ୟୁରୋ**

ପୁଣି ଇତିହାସ ରଚିଛି କଟକ ବଡ଼ ମେଡିକାଲ (ଏସ୍‌ସିବି)। ଜଣେ କିଡନୀ ରୋଗୀଙ୍କ ଶରୀରରେ ସଫଳତାର ସହ ପ୍ରତିରୋପଣ କରାଯାଇଛି। କାଡାଭରିକ୍ ପଦ୍ଧତିରେ ଏହି ପ୍ରତିରୋପଣ ସମ୍ଭବ ହୋଇଛି। ଦୀର୍ଘ ମାସ ପରେ ମୂତ୍ରଶଲ୍ୟ ବିଭାଗରେ ଏଭଳି ସଫଳତା ମିଳିଛି। ପ୍ରତିରୋପଣ ପରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି। ଅଙ୍ଗଦାନ କରିବା ଫଳରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଗତସିଂହପୁରର ସୁନୀଲ ନାୟକଙ୍କ ଜୀବନ ରକ୍ଷା ସମ୍ଭବ ହୋଇଛି। ପ୍ରାପ୍ତ ସୂଚନାନୁସାରେ, ଗତ ୬ ଦିନ ତଳେ ଅନୁଗୁଳର ବିଶ୍ୱଜିତ ଦାସ ଏକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଡାକ୍ତର ତାଙ୍କର ବ୍ରେନ୍ ଡେଡ୍ ହୋଇଥିବା ଘୋଷଣା କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ତାଙ୍କ ପରିବାର ସଦସ୍ୟ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ହସ୍ପିଟାଲ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଷ୍ଟେଟ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ (ସୋଟୋ)ର ଅନୁମତି ନେଇଥିଲେ। ପରେ ଏସ୍‌ସିବିର ୟୁରୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ଡା. ସମୀର ସ୍ୱାଇଁ, ଡା. ସବ୍ୟସାଚୀ ପଣ୍ଡା, ଡା. ସଞ୍ଜୟ ଚୌଧୁରୀ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟଙ୍କ ସହ ଏକ ଟିମ ସେଠାରେ ପହଞ୍ଚି କ୍ରସ ମ୍ୟାଚିଂ ଆରମ୍ଭ କରିଥିଲେ। ଏହି ସମୟରେ ସୁନୀଲଙ୍କ ସହ କ୍ରସ ମ୍ୟାଚିଂ ସଫଳ ହୋଇଥିଲା। ବିଶ୍ୱଜିତଙ୍କ ଶରୀରରୁ ଦୁଇଟି ଯାକ କିଡନୀ କଢ଼ାଯାଇଥିଲା। ଗୋଟିଏ ଘରୋଇ ହସ୍ପିଟାଲରେ ପ୍ରତିରୋପଣ କରାଯାଇଥିଲା। ଅନ୍ୟଟି ଏସସିବିକୁ ଅଣାଯାଇଥିଲା। ପ୍ରତିରୋପଣ ଲାଗି ବିଭାଗୀୟ ମୁଖ୍ୟ ଡା. ସ୍ୱାଇଁଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା। ଏହି ପ୍ରତିରୋପଣ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଶେଷରେ ସୁନୀଲଙ୍କ ଶରୀରରେ ଏହି ପ୍ରତିରୋପଣ ସଫଳ ହୋଇଥିଲା। ପ୍ରକାଶ ଥାଉକି, କିଡନୀ ରୋଗରେ ଆକ୍ରାନ୍ତ ହୋଇ ସୁନୀଲ ଗତ ୫ ବର୍ଷ ହେବ ଏସସିବିରେ ଚିକିତ୍ସିତ ହେଉଥିଲେ। ତାଙ୍କର ଦୁଇଟି ଯାକ କିଡନୀ ନଷ୍ଟ ହୋଇଯାଇଥିଲା ବେଳେ ଡାଏଲିସିସ୍ ପଦ୍ଧତିରେ ଚିକିତ୍ସା କରାଯାଉଥିଲା।




# ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ଦୁଇଟି ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ 'ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ' ଆନୁକୂଲ୍ୟରେ ପ୍ରଥମ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମିଳନୀରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଦୁଇଟି ଉପାଦେୟ ପୁସ୍ତକ ଶତାଧିକ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଅଛି। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଓଡ଼ିଶା ବିଧାନସଭାର ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଛତିଶଗଡ଼ର ବିଧାୟକ ପୁରନ୍ଦର ମିଶ୍ର ଓ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଗୁରୁକଲ୍ୟାଣ ମହାପାତ୍ର ଓ ମଠାଧୀଶମାନେ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଗବେଷକ ଡକ୍ଟର ଭାସ୍କର ମିଶ୍ରଙ୍କ ରଚିତ 'ଶ୍ରୀମନ୍ଦିରର ଅନନ୍ୟ ପରମ୍ପରା ଓ ଐତିହ୍ୟ' ଏବଂ 'ଶ୍ରୀଜଗନ୍ନାଥଙ୍କ ପୂଜା ପରମ୍ପରା' ପୁସ୍ତକର ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟଙ୍କ ଦ୍ୱାରା ହିନ୍ଦୀ ଅନୁବାଦ ସମ୍ମିଳନୀ କକ୍ଷରେ ଉନ୍ମୋଚନ କରିଥିଲେ। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏହି ଦୁଇଟି ପୁସ୍ତକ ଉନ୍ମୋଚନ କରି ହିନ୍ଦୀ ପୁସ୍ତକଟି ଭାରତବର୍ଷରେ ତଥା ଭାରତ ବାହାରେ ଆଦୃତ ହେବ ବୋଲି ଆଶା ପ୍ରକାଶ କରି ଅନୁଷ୍ଠାନର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ସଂସ୍ଥା ତରଫରୁ ମଧ୍ୟ ଏକ ମନୋଜ୍ଞ ପ୍ରଦର୍ଶନୀ ବାଚସ୍ପତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଯେଉଁଥିରେ ଶ୍ରୀଜଗନ୍ନାଥଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ପ୍ରତିଷ୍ଠାନକୁ ସରକାର ଭୁବନେଶ୍ୱରରେ ଗୋଟିଏ କ୍ୱାର୍ଟର ଯୋଗାଇଦେଲେ ତାହା ପ୍ରଦର୍ଶନୀ ସାମଗ୍ରୀ ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ପ୍ରକାଶ ପାଉଥିବା ପୁସ୍ତକକୁ ଏକ ପାଠାଗାର କରିବା ପାଇଁ ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ ଅନୁରୋଧ କରିଥିଲେ।




# ଦେବଯୁଗ୍ ପରିବାରର ଏକାମ୍ର ଚନ୍ଦନ ମହୋତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେବଯୁଗ୍ ପରବରର ସମସ୍ତ ସଦସ୍ୟମାନଙ୍କ ଦ୍ୱାରା ଅଧ୍ୟକ୍ଷ ଦେବବ୍ରତ ନାୟକ (ସିଟୁ)ଙ୍କ ନେତୃତ୍ୱରେ ମାଉସୀମା ଛକ ସ୍ଥିତ ପ୍ରଭୁ ଶ୍ରୀ ରାମେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷର ପବିତ୍ର ଏକାମ୍ର ଚନ୍ଦନ ମହାଉତ୍ସବ ବଡ଼ ଆଡମ୍ବରରେ ପାଳିତ ହୋଇ ଯାଇଅଛି। ଦେବଯୁଗ୍ ପରିବାରର ଏହି ପବିତ୍ର ଏକାମ୍ର ଚନ୍ଦନ ମହଉତ୍ସବରେ ହଜାର ହଜାର ସାଧାରଣ ଜନତାଙ୍କ ଉପସ୍ଥିତିରେ ବିଶିଷ୍ଟ କଳାକାର ଶ୍ରୀମତୀ ଦୀପ୍ତିରେଖା ପାଢ଼ୀ, କୁମାର ବାପିଙ୍କ ସହିତ ଅନ୍ୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିମାନଙ୍କ ମଧ୍ୟରୁ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ଓଡିଶା ବିଜେପି ଦଳର ଗୋଲକ ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ଜିଲ୍ଲାର ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ମଧ୍ୟମ ବିଧାୟକ ପାର୍ଥ ଜଗନ୍ନାଥ ପ୍ରଧାନ, ପୂର୍ବତନ ଜଟଣୀ ବିଧାୟକ ସୁର ରାଉତରାୟ, ଖଣ୍ଡପଡ଼ା ବିଧାୟକ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ ସଂଗଠନ ମନ୍ତ୍ରୀ ସାରଦା ଶତପଥି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ୪୫ନମ୍ବର ୱାର୍ଡର କର୍ପୋରେଟର ଶ୍ରୀଯୁକ୍ତ ଅମରେଶ ଜେନା, ୫୯ ୱାର୍ଡ କର୍ପୋରେଟର ଲିଟୁ ମହାଶୂପକାର, ୬୭ ୱାର୍ଡ କର୍ପୋରେଟର ସୂରିୟା ପ୍ରଧାନ, ନାରୀ ନେତ୍ରୀ ଶ୍ରୀମତୀ ରଶ୍ମି ମହାପାତ୍ର, ଶ୍ରୀମତୀ ସୁଭାଷିନୀ ପୃଷ୍ଟି, ଶ୍ରୀମତୀ ତୃପ୍ତି ମୟୀ ମକଦମ, ଶ୍ରୀମତୀ ସିପ୍ରା ସେନାପତି, ଭୁବନେଶ୍ୱର ବିଜେପି ଦଳର ଯୁବ ମୋର୍ଚ୍ଚା ସଭାପତି ସୋୟାମ ସେବକ ରାୟ ପ୍ରମୁଖ ଏହି ମହାଉତ୍ସବରେ ଉପସ୍ଥିତ ରହି ଉତ୍ସବର ମାନ ବଢ଼ାଇ ଥିଲେ। ଦେବଯୁଗ୍ ପରିବାରର ଏହି ମହାଉତ୍ସବକୁ ସଫଳତା ସହ କାର୍ଯକାରୀ କରି ସମାପନ କରିବାରେ ସାଧାରଣ ଜନତାଙ୍କ ସହିତ ପରିବାରର ମୁଖିଆ ଦେବବ୍ରତ ନାୟକ ଏବଂ ସମସ୍ତ ଅଗ୍ରଣୀ ସଦସ୍ୟମାନଙ୍କ ମିଳିତ ଯୋଗଦାନ ଏବଂ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ହିଁ ସମ୍ଭବ ହୋଇପାରିଲା।




# ଖୋର୍ଦ୍ଧାରୋଡ଼ ମଣ୍ଡଳର ଚାରି ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍.ଏସ୍. ବାଜୱା, କର୍ତ୍ତବ୍ୟ ପ୍ରତି ସଚ୍ଚୋଟତା ଏବଂ ନିଷ୍ଠା ପରତା ପାଇଁ, ଡିଭିଜନର ଚାରି ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି । ଶ୍ରୀ ବାଜୱା ଏହି କର୍ମଚାରୀଙ୍କ ଅବିସ୍ମରଣୀୟ ଉତ୍ସର୍ଗକୁ ପ୍ରଶଂସା କରିଥିଲେ ଏବଂ କର୍ତ୍ତବ୍ୟ ପାଳନ କରିବା ସମୟରେ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅବଗତ କରିଥିଲେ।

ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କର୍ମଚାରୀମାନଙ୍କ ମଧ୍ୟରେ ଅଛନ୍ତି, ଶ୍ରୀ ରୋନଙ୍କି ଦୁର୍ଗା ରାଓ, ଟେକ୍-୨ / ମେମୁ କାର୍ ଶେଡ୍ / ଖୋର୍ଦ୍ଧା ରୋଡ଼, ସିଦ୍ଧାର୍ଥ ଶଙ୍କର ସାହୁ, ଷ୍ଟେସନ ମାଷ୍ଟର / ରଘୁନାଥପୁର, ଜି ମୋହନ ବାବୁ, ଷ୍ଟେସନ ଅଧୀକ୍ଷକ / ଭୁବନେଶ୍ୱର ଏବଂ ପରଦେଶୀ ଧନୁଞ୍ଜୟ, ଟେକ୍-୨ ଖୋର୍ଦ୍ଧା ରୋଡ଼ । ଏହି କର୍ମଚାରୀମାନଙ୍କର ସମୟୋଚିତ ସତର୍କତା ପାଇଁ, ଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇ ପାରିଲା, ଟ୍ରେନଗୁଡ଼ିକର ସୁରକ୍ଷିତ ପରିଚାଳନା ହୋଇପାରିଥିଲା ଏବଂ ଟ୍ରେନଗୁଡ଼ିକୁ ବିଳମ୍ବ ହେବାରୁ ବଞ୍ଚିତ କରଯାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହରେ, ଡିଆରଏମ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ, ଶୁଭ୍ରଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), ଆଶିଷ କୁମାର୍ ସେନାପତି, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ (କାର୍ଯ୍ୟକାରୀ), ଖୋର୍ଦ୍ଧା ରୋଡ୍ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଆୟୋଜନ କରାଯାଇଥିଲା ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାରଙ୍କ ଦ୍ୱିତୀୟ...

ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା କେନାଲ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । ଏହା ସହିତ ଜନ ଶୁଣାଣୀ, ଭତ୍ତା ବଣ୍ଟନ, ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କ ପରିଦର୍ଶନ, ମଧ୍ୟାହ୍ନ ଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନଶକ୍ତି ଇତ୍ୟାଦିରେ ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି । ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହି ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପୋଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଚୋରା ବାଲି ଚାଲାଣ, ଆଇନ ଶୃଙ୍ଖଳା ଓ ସରକାରୀ କର୍ମଚାରୀ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେ ପୁଣି କହିଥିଲେଯେ, ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ। ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ। ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀ ମାନେ ଯଥାଶୀଘ୍ର ପଦକ୍ଷେପ ନେଇ କାର୍ଯ୍ୟ ସମାପ୍ତ କରନ୍ତୁ। ସ୍ୱାସ୍ଥ୍ୟ ସେବାରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଉସୀ ମାଆ ମନ୍ଦିର ଠାରୁ ଶ୍ରୀବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ମାଆ ଓ ଭଉଣୀ ମାନଙ୍କର ସିନ୍ଦୁରର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ପ୍ରତିଜ୍ଞା ଆଜି ସାରା ବିଶ୍ୱରେ ଗୁଞ୍ଜରିତ ହେଉଛି । ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ଜିଲ୍ଲା କୃଷି ରଥ ଓ ରାଜସ୍ୱ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ, ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ , ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ , ଅରବିନ୍ଦ ମହାପାତ୍ର, ଜିଲ୍ଲାପରିଷଦ ସଭାପତି ଲିଲିତା ଦାସଙ୍କ ସମେତ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଓ ଜିଲ୍ଲାର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ନୀତିକୁ ବରଦାସ୍ତ...

କରୁଛୁ ବୋଲି ସେ କହିଛନ୍ତି। ଲାଞ୍ଚ ଦେବା ଏବଂ ନେବା ଉଭୟ ସମାନ ଏବଂ ଗୁରୁତର ଅପରାଧ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀଙ୍କ ଏହି ବିବୃତ୍ତି ପ୍ରଶାସନକୁ ସ୍ୱଚ୍ଛ କରିବା ଏବଂ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ପଦବୀ କିମ୍ବା ପ୍ରଭାବ ନିର୍ବିଶେଷରେ ଉତ୍ତରଦାୟୀ କରିବା ପାଇଁ ଏକ ନିରନ୍ତର ପ୍ରୟାସ ଭାବରେ ଆସିଛି। ଅନେକ ସରକାରୀ ଅଧିକାରୀଙ୍କ ବିରୋଧରେ ପୂର୍ବରୁ ତଦନ୍ତ କରାଯାଇଥିଲା ଏବଂ ସେମାନେ ଗିରଫଦାରୀର ସମ୍ମୁଖୀନ ହେଉଥିବାରୁ, ଏହି ବାର୍ତ୍ତା ସ୍ପଷ୍ଟ ଯେ, ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସରକାରଙ୍କ କଡା ଆଭିମୁଖ୍ୟ ରହିଥିବା ମନ୍ତ୍ରୀ ସୂଚିତ କରିଛନ୍ତି।

### ୧୧ ବର୍ଷରେ ବିଭିନ୍ନ ...

ସହିତ ପଥପ୍ରଦର୍ଶକ ପରିବର୍ତ୍ତନ କରିଛି। ଆର୍ଥିକ ବିକାଶରୁ ସାମାଜିକ ଉତ୍ଥାନ ପର୍ଯ୍ୟନ୍ତ, ଲୋକମାନେ କେନ୍ଦ୍ରିତ, ସମାବେଶମୂଳକ ଓ ସର୍ବାଙ୍ଗୀଣ ପ୍ରଗତି ଉପରେ ଧ୍ୟାନ ଦିଆଯାଇଛି। ଆଜି ଭାରତ କେବଳ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି ନୁହେଁ, ବରଂ ଜଳବାୟୁ କାର୍ଯ୍ୟ ଓ ଡିଜିଟାଲ୍ ନବପ୍ରଭାବ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ପ୍ରମୁଖ ବିଶ୍ୱଜନୀନ ସ୍ୱର ମଧ୍ୟ ହେବାରେ ସକ୍ଷମ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ସ୍ୱାମୀଙ୍କୁ ହତ୍ୟା କରିବାକୁ ...

ସନ୍ଦେହ ନ ଥିଲା। ରାଜାଙ୍କ ମା କହିଛନ୍ତି, ଯଦି ସୋନମ ତାଙ୍କ ପୁଅକୁ ଭଲ ପାଉଥାଆନ୍ତା, ତେବେ ସେ କେବେହେଲେ ତାଙ୍କୁ ମରିବାକୁ ଛାଡ଼ି ଦେଇ ପଳାଇ ନ ଥାଆନ୍ତା। ଘଟଣା ପଛରେ ଥିବା ସବୁ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ମେ ୨୩ ତାରିଖରେ ମେଘାଳୟର ପୂର୍ବ ଖାସି ପାହାଡ଼ ଜଙ୍ଗଲରୁ ରାଜାଙ୍କ ମୃତଦେହ ମିଳିଥିବାବେଳେ ସୋନମ ନିଖୋଜ ରହିଥିଲେ।

### ଘଡ଼ଘଡ଼ି ସହ ...

ଖରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବାକୁ ଲାଗିଛି। ସହିପରି ୧୧ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଅବସ୍ଥା ଲାଗି ରହିବାର ସମ୍ଭାବନା ରହିଛି । ତେଣୁ ଏହି ସବୁ ଜିଲ୍ଲାକୁ ମଧ୍ୟ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଭୁବନେଶ୍ୱର
୧୦ ଜୁନ୍,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଆସନ୍ତା କାଲି ଶ୍ରୀମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

# ବଡଦେଉଳକୁ ପ୍ରବେଶ କଲେ ଦଇତାପତି ସେବକ

**ପୁରୀ ୦୯/୦୬ ନ୍ୟୁଜ ବ୍ୟୁରୋ**

ଦିନକ ପରେ ଦେବ ସ୍ନାନ ପୂର୍ଣ୍ଣିମା । ରତ୍ନସିଂହାସନରୁ ସ୍ନାନବେଦୀକୁ ବିଜେ କରିବେ ଦାରୁବ୍ରହ୍ମ । ସ୍ନାନଯାତ୍ରା ଓ ଘୋଷଯାତ୍ରାର ବିଭିନ୍ନ ପର୍ଯ୍ୟାୟର ନୀତି ପାଇଁ ଶ୍ରୀମନ୍ଦିରରେ ଦଇତାପତିମାନେ ପ୍ରବେଶ କରିଛନ୍ତି । ସଂଧ୍ୟା ଧୂପ ପରେ ଦଇତାପତିମାନେ ମହାପ୍ରଭୁଙ୍କର ବାହୁଟକଣ୍ଠ ନୀତି କରିଛନ୍ତି । ସେହିପରି ସ୍ନାନଯାତ୍ରା ପହଣ୍ଡି ପାଇଁ କୋଠ ସୁଆଂସିଆ ସେବକମାନେ ରତ୍ନସିଂହାସନରେ ଚାରମାଳ ବାନ୍ଧିବାର କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତିମାନେ ସେନାପଟା ଲାଗି



କରିବେ । ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀଅଙ୍ଗ ସୁରକ୍ଷା ଦାୟିତ୍ୱରେ ରହିବେ ଦଇତାପତି । ଏ ସମସ୍ତ ନୀତି ପାଇଁ ଦଇତାପତିମାନେ ସୋମବାର ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି । ଆଉ ଗୋଟିଏ ଦିନ ପରେ ବିଶ୍ୱନିୟନ୍ତାଙ୍କ ସ୍ନାନ ଉତ୍ସବ । ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଏହି ସ୍ନାନ ନୀତି ଅନୁଷ୍ଠିତ ହେଉଥିବାରୁ ଉତ୍ସବମୁଖର ଶ୍ରୀକ୍ଷେତ୍ର । ସେପଟେ ସୋମବାର ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଦଇତାପତିମାନେ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି । ପ୍ରାୟ ଏକମାସ ଧରି ଦଇତାପତିମାନେ ମହାପ୍ରଭୁଙ୍କ ସେବା ନୀତି ଓ ଶ୍ରୀଅଙ୍ଗ ସୁରକ୍ଷା ଦାୟିତ୍ୱରେ ରହିବେ । ସୋମବାର ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ବାହୁଟକଣ୍ଠ ସହ କୋଠସୁଆଁସିଆଁମାନେ ଚାରମାଳ ବାନ୍ଧିଛନ୍ତି । ମଙ୍ଗଳବାର ଦଇତାପତିମାନଙ୍କ ଦ୍ୱାରା ପାଟବସ୍ତ୍ର ଆଚ୍ଛାଦିତ କରାଯାଇ ସେନାପଟା ଲାଗି କରାଯିବ । ସ୍ନାନ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ମହଲରେ ପ୍ରବଳ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଛି । ଏବେଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ବଢୁଥିବା ବେଳେ ମହାପ୍ରଭୁଙ୍କ ଏହି ମାନବୀୟ ଲୀଳାରେ ସାମିଲ ହେବା ପାଇଁ ଭକ୍ତ, ସେବାୟତ ଓ ଗବେଷକ ମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ।



କେନ୍ଦ୍ରାପଡା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀବଳଦେବଜୀଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ରାଜ୍ୟରେ ୧୦୦ରୁ ୧୫୦ ଗାଁହେବ ମହାପୁରୁଷ ଆଦର୍ଶ ଗାଁ

**ଭୁବନେଶ୍ୱର, ୯/୬**
**ନ୍ୟୁଜ ବ୍ୟୁରୋ**

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏକ ବଡ ଘୋଷଣା କରିଛନ୍ତି । ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ମହାପୁରୁଷ ଆଦର୍ଶ ଗାଁ ଯୋଜନା । ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଝାସ ଦେଇଥିବା ମହାପୁରୁଷମାନଙ୍କ ଗାଁର ଉନ୍ନତି ପାଇଁ ସରକାର ଏହି ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଯାହା ଅଧିନରେ ମହାପୁରୁଷମାନେ ଜନ୍ମ ହୋଇଥିବା ଗାଁ ଓ ପଞ୍ଚାୟତର ଉନ୍ନତି କରାଯାଇ ମହାପୁରୁଷ ଆଦର୍ଶ ଗାଁ ନାମରେ ନାମିତ କରାଯିବ ।

ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି ଯେ, ମହାପୁରୁଷ ଆଦର୍ଶ ଗାଁ ଆମର ଅସ୍ମିତା । ଭାରତକୁ ଯେଉଁମାନେ ସ୍ୱାଧୀନ କରିବା ପାଇଁ ମହାତ୍ମାଗାନ୍ଧୀଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଝାସ ଦେଇଥିଲେ, ସେହି ମହାପୁରୁଷଙ୍କ ଜୀବନୀ ଆମେ ପଢିଛୁ । ତାଙ୍କ ଜନ୍ମ ବି ଗୋଟେ ଛୋଟ ଗାଁରେ ଏବଂ ପଞ୍ଚାୟତରେ ହୋଇଥିଲା । ସେ ଗାଁ ପଞ୍ଚାୟତ ଆଜି ବି ଅବହେଳିତ ଅଛି । ଆମର ଅନେକ ମହାପୁରୁଷ ଏମିତି ଅଛନ୍ତି



ଯାହାଙ୍କୁ ମହାପୁରୁଷ ଆଦର୍ଶ ଗାଁ ଯୋଜନା ନାମରେ ଏକ ନୂଆ ଯୋଜନା ତିଆରି ହେବ । ସେହି ଗାଁର ଉନ୍ନତି ପଞ୍ଚାୟତିରାଜ ବିଭାଗ କରିବ । ୧୦୦ରୁ ୧୫୦ ଗାଁ ହେବ ମହାପୁରୁଷ ଆଦର୍ଶ ଗାଁ । ୯ ରୁ ୧୦ ବିଭାଗ ମିଳିତ ଭାବେ କାମ କରିବେ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ରାସ୍ତା, ପିଇବାକୁ ପାଣି, କ୍ଷେତକୁ ପାଣି, ସ୍କୁଲ, ସ୍ୱାସ୍ଥ୍ୟର ବ୍ୟବସ୍ଥା ଆଦି ସୁବିଧା ସେ ପଞ୍ଚାୟତ ଓ ଗାଁରେ ଯୋଗାଇ ଦିଆଯିବ । ରହିବା ଠାରୁ ଚଳିବା ପର୍ଯ୍ୟନ୍ତ ସରକାରଙ୍କ ଯେତେ ବ୍ୟବସ୍ଥା ଅଛି ସବୁ ଯୋଗାଇ ଦିଆଯିବ । ପିଲାଙ୍କ ପାଠ ପଢା ସହ ଯିବା ଆସିବା ଆଦି ସୁବିଧା ଯୋଗାଇ ଦିଆଯିବ । ରାଜ୍ୟ ସ୍ତରରେ ମୁଖ୍ୟ ଶାସନ ସଚିବ ରହିବେ ଅଧ୍ୟକ୍ଷ, ଜିଲ୍ଲା ସ୍ତରରେ ଜିଲ୍ଲାପାଳ, ବ୍ଲକ ସ୍ତରରେ ବିଡ଼ିଓ ରହିବେ ଅଧ୍ୟକ୍ଷ । ଏନେଇ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ପ୍ରକ୍ରିୟା । ବିଭାଗୀୟ ସଚିବ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏଥିପାଇଁ ବଜେଟ ପ୍ରସ୍ତୁତ ହେଉଛି । ଦୀର୍ଘଦିନ ପରେ ଆମେ ଇତିହାସକୁ ଖୋଜୁଛୁ । ମହାପୁରୁଷଙ୍କ ପାଇଁ ଆମେ ଚିନ୍ତା କରୁଛୁ । ଯେଉଁମାନେ ଦୀର୍ଘଦିନ ଧରି ଶାସନ କରୁଥିଲେ ସେମାନେ ଚିନ୍ତା କରୁ ନ ଥିଲେ । ଆମ ସରକାର ଆମର ଅସ୍ମିତା ବିଚାରକୁ ନେଇ ପଦକ୍ଷେପ ନେଉଛୁ ।

## ଖୁବ୍‌ଶୀଘ୍ର ଲୋକାର୍ପିତ ହେବ ରାଜସ୍ୱ ବିଭାଗର ନୂଆ ଆପ

# ମୋବାଇଲ୍ ଆପ୍‌ରେ ମିଳିବ ୧୮ଟି ସେବା

**ଭୁବନେଶ୍ୱର,୯/୦୬**
**ନ୍ୟୁଜ ବ୍ୟୁରୋ**

ଏଣିକି ଗୋଟିଏ ମୋବାଇଲ୍ ଆପ୍‌ରେ ସମସ୍ତ ରାଜସ୍ୱ ସେବା ମିଳିବ । ଘରେ ବସି ସମସ୍ତ ରାଜସ୍ୱ ସଂକ୍ରାନ୍ତ ସୁବିଧା ଲୋକେ ପାଇବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି, ଏହି ଆପ୍ ପ୍ରସ୍ତୁତ ହୋଇସାରିଛି । ଖୁବ୍‌ଶୀଘ୍ର ଆପ୍ ଉନ୍ମୋଚନ ହେବାକୁ ଯାଉଛି । ଏହି ଆପ୍ ଦ୍ୱାରା କୌଣସି ସେବା କେନ୍ଦ୍ରକୁ ନ ଯାଇ ଘରେ ବସି ବିଭିନ୍ନ ସମସ୍ୟାର ସମାଧାନ କରିହେବ । ଛୋଟ ଛୋଟ କାମ ପାଇଁ ରାଜସ୍ୱ ବିଭାଗ କିମ୍ବା କାର୍ଯ୍ୟାଳୟକୁ ଲୋକଙ୍କୁ ଦୌଡ଼ିବାକୁ ପଡ଼ିବନି । ଏଥିରେ ବିଭିନ୍ନ ପ୍ରକାର ସେବା ପାଇଁ ଆବେଦନ ହୋଇପାରିବ । ବିଭିନ୍ନ କାଗଜପତ୍ର ଆଦି ଅନ୍‌ଲାଇନ୍‌ରେ ଡାଉନ୍‌ଲୋଡ୍ କରିହେବ ବୋଲି ସେ ସୂଚନା ଦେଇଛନ୍ତି ।

ମନ୍ତ୍ରୀ ଆହୁରୀ କହିଛନ୍ତି ଯେ, ପୂର୍ବରୁ ଲୋକମାନେ ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର ପାଇଁ ତହସିଲ ଅଫିସକୁ ଯାଉଥିଲେ । ତହସିଲଦାରଙ୍କ ପାଖରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଥିଲେ । ଆପ୍ ଆସିବା ପରେ



ଲୋକଙ୍କୁ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ । ଘରେ ବସି ମୋବାଇଲରେ ବିଭିନ୍ନ ପ୍ରମାଣପତ୍ର ପାଇଁ ଆବେଦନ କରିପାରିବେ । ମୋବାଇଲରେ କେଉଁ ବ୍ୟକ୍ତି, କେଉଁ ସମୟ, କେଉଁଠାରୁ ଓ କେଉଁ ଯୋଜନା ପାଇଁ ଆବେଦନ କରୁଛନ୍ତି, ଏ ସମସ୍ତ ତଥ୍ୟ ପଞ୍ଜିକୃତ ହୋଇ ରହିବ । କେଉଁ ପ୍ରମାଣପତ୍ର କେତେ ସମୟରେ ମିଳିବ, ସେଥିପାଇଁ ସମୟ ଧାର୍ଯ୍ୟ ହେବ । ନିର୍ଦ୍ଦିଷ୍ଟ ସମୟରେ ପ୍ରମାଣପତ୍ର ମିଳିଲେ ରାଜସ୍ୱ ବିଭାଗକୁ ସୂଚନା ଆସିଯିବ । କେଉଁ ତହସିଲଦାରଙ୍କ ଦ୍ୱାରା କେଉଁ ତହସିଲରେ ଏହି ସେବା ଠିକ ସମୟରେ ମିଳିଲା ନାହିଁ, ଉପଭୋକ୍ତା ମାଗିଥିବା ସେବା ପାଇବା ପ୍ରକ୍ରିୟା ଶେଷ ହେବା ପରେ ଏ ବାବଦରେ ତହସିଲଦାର ଆପରେ ଅପଲୋଡ଼ କରିବେ । ଏହି ତଥ୍ୟ ଆବେଦନକାରୀ ଘରେ ବସି ଡାଉନଲୋଡ୍ କରିପାରିବେ । ପ୍ରମାଣପତ୍ରକୁ ବ୍ୟବହାର କରିପାରିବେ । ସାଧାରଣ ଲୋକ ଓ ରାଜସ୍ୱ ସେବା ମଧ୍ୟରେ ଥିବା ବାଧକ ଦୂର ହେବ । ରାଜସ୍ୱ ସେବା ପାଇଁ ଆଉ ସରକାରୀ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ । ରାଜସ୍ୱ ସେବା ହୋମ ଡେଲିଭରୀ କରିବୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।



ଭୁବନେଶ୍ୱରେ : ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ପାଳନ ଅବସରରେ ଗଙ୍ଗନଗର ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିନିକଟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ପୂର୍ବତନ ସାଂସଦ ତଥା 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ, କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)

# ୧୦ ଲକ୍ଷ ଲାଞ୍ଚ ନେଇ ବନ୍ଧା ହେଲେ ଧର୍ମଗଡ ଉପଜିଲ୍ଲାପାଳ

**ଭବାନୀପାଟଣା/ଧର୍ମଗଡ଼, ୦୯/୦୬ ନ୍ୟୁଜ ବ୍ୟୁରୋ**

କ୍ରସର ମାଲିକଙ୍କଠାରୁ ଲାଞ୍ଚ ନେଇ ବନ୍ଧା ହେଲେ ଆଇଏଏସ୍ ଅଫିସର ଧୀମାନ ଚକ୍‌ମା । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମା ରବିବାର ଭିଜିଲାନ୍ସ ପଞ୍ଝାରେ ପଡ଼ିବା ପରେ ତାଙ୍କ ଦୁର୍ନୀତିର ଚିଠା ଖୋଲିଛି । ତାଙ୍କ ସରକାରୀ ବାସଭବନରୁ ନଗଦ ୪୭ଲକ୍ଷ ଟଙ୍କା ଜବତ ହେବା ପରେ ସୋମବାର ଆଇଏଏସ ଧୀମାନ ଚକ୍‌ମାଙ୍କୁ ଗିରଫ କରାଯାଇଛି ।



ଭିଜିଲାନ୍ସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଜୟପାଟଣା ଅଞ୍ଚଳର ସମ୍ପୃକ୍ତ କ୍ରସର ମାଲିକଙ୍କୁ ଭୟଭୀତ କରାଇ ଉପଜିଲ୍ଲାପାଳ ଶ୍ରୀ ଚକ୍‌ମା ୨୦ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ରବିବାର ଧର୍ମଗଡ଼ସ୍ଥିତ ସରକାରୀ ବାସଭବନକୁ ଡାକି ୧୦ ଲକ୍ଷ ଟଙ୍କା ଲାଞ୍ଚ ରାଶି ଗ୍ରହଣ କରିଥିଲେ । ଟଙ୍କା ବାସଭବନର ଅଫିସ୍ ଟେବୁଲ ଡ୍ରୟର ଭିତରେ ରଖିଥିଲେ । ପୂର୍ବ ଯୋଜନା ଅନୁଯାୟୀ, ଭିଜିଲାନ୍ସ ଟିମ୍ ଚଢ଼ଉ କରି ୨୬ଟି ଶହେ ଟଙ୍କିଆ ବଣ୍ଡଲ ଜବତ କରିଥିଲେ । ଉପଜିଲ୍ଲାପାଳଙ୍କ ସରକାରୀ ବାସଭବନ ଯାଞ୍ଚ ବେଳେ ଆହୁରି ୪୭ଲକ୍ଷ ଟଙ୍କା ନଗଦ ଜବତ କରାଯାଇଥିଲା । ତେବେ ସୋମବାର ସକାଳେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମାଙ୍କୁ ଗିରଫ କରିଛି ଭିଜିଲାନ୍ସ ଟିମ୍ । ସୂଚନା ଯୋଗ୍ୟ ଯେ, ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ଶ୍ରୀ ଚକ୍‌ମା ବାରିପଦା ବନ ବିଭାଗରେ ବରିଷ୍ଠ ଅଧିକାରୀ ଭାବେ ଅବସ୍ଥାପିତ ଥିଲେ । ସେଠାରୁ ସେ ବଦଳି ହୋଇ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଯୋଗଦେଇଥିଲେ । ଧର୍ମଗଡ଼ରେ ସେ ପାଖାପାଖି ବର୍ଷେ ହେଲା କାର୍ଯ୍ୟରତ ଥିଲେ ।

## ପଣସ ବୋଝେଇ ପିକଅପ୍ ଭ୍ୟାନ୍ ଧକ୍କାରେ ବାପ- ପୁଅଙ୍କ ମୃତ୍ୟୁ

**ବାଲିଗୁଡ଼ା, ୯/୬ ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅର୍ନ୍ତଗତ ରୁତୁଙ୍ଗିଆ ପଞ୍ଚାୟତର ସିରିସପାଙ୍ଗା ଗ୍ରାମର ବାପା ହେମ କହଁର ଓ ପୁଅ ନୀଳମଣି କହଁର ଖମନ ଖୋଲ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ । ରବିବାର ଉଭୟ ବାପା ପୁଅ ନିଜ ମଟର ସାଇକେଲରେ ଘରକୁ ଫେରିବା ସମୟରେ ସୁଦ୍ରା ପଞ୍ଚାୟତର ଗାଲିଗୁରା ଗାଁ ନିକଟରେ ଏକ ପଣସ ବୋଝେଇ ପିକଅପ୍ ଭ୍ୟାନ ସହ ମଟର ସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାପା ପୁଅ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ପିକଅପ୍ ଭ୍ୟାନକୁ ଅଟକ ରଖିବା ସହ ପୁଲିସକୁ ଜଣାଇଥିଲେ । ଉଭୟ ଗୁରୁତରଙ୍କୁ ବାଲିଗୁଡ଼ା ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ବାପା ହେମ କହଁରକୁ ଡାକ୍ତର ମୃତ ଘୋଷଣା କରିଥିଲେ ଓ ପୁଅ ନୀଳମଣିକୁ ଅଧିକ ଚିକିତ୍ସା ଲାଗି ଫୁଲବାଣୀ ମେଡିକାଲକୁ ପଠାଇଥିଲେ । କିନ୍ତୁ, ଅଧା ବାଟରେ ନୀଳମଣିଙ୍କର ମୃତ୍ୟୁ ହୋଇଥିଲା । ଏ ଘଟଣାର ପ୍ରତିବାଦରେ ସୋମବାର ବାଲିଗୁଡ଼ା ଉପଖଣ୍ଡ ମେଡିକାଲ ସମ୍ମୁଖରେ ମୃତକଙ୍କ ସମ୍ପର୍କୀୟ ୫ ଲକ୍ଷ ଦାବି କରି ରାସ୍ତା ଅବରୋଧ କରିଥିଲେ । ସ୍ଥାନୀୟ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ବୁଝାସୁଝା କରିବା ପରେ ଏକ ଘଣ୍ଟା ଧରି ଚାଲିଥିବା ରାସ୍ତା ରୋକରୁ ସମ୍ପର୍କୀୟଙ୍କୁ ହଟାଇବା ସହ ଦାବି ଅନୁଯାୟୀ କ୍ଷତି ପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ରଥ ନିର୍ମାଣ ବେଳେ ଅଘଟଣ: ମଝିରୁ ଭାଙ୍ଗିଗଲା ଦେବଦଳନ ରଥର ଗୟଳ

**ପୁରୀ, ୦୯/୦୬ନ୍ୟୁଜ ବ୍ୟୁରୋ**

ଦେବଦଳନ ରଥ ନିର୍ମାଣ ସମୟରେ ଏକ ଗୟଳ ମଝିରୁ ଭାଙ୍ଗିଗଲା । ନିର୍ମାଣକାରୀମାନେ ଗୟଳ ମୋଡ଼ି ରଥରେ ସ୍ଥାପନ କଲା ବେଳେ ୪୦ ଫୁଟିଆ କାଠ ଭାଙ୍ଗିଲା । ନାହାକା ପାଖ ବଡ଼ ଛନ୍ଦା ଗୟଳ ବସିବା ବେଳକୁ ଏଭଳି ସ୍ଥିତି ଉପୁଜିଥିଲା । କରତି ସେବକ ଧଉରା କାଠ ଚିରଟ କଲାପରେ ଏହାକୁ ବିଶ୍ୱକର୍ମା ଚଉପଟ କରି ଗୟଳ ପ୍ରସ୍ତୁତ କରିଥିଲେ । ହେଲେ ରଥରେ ଫିଟିଂ ବେଳକୁ ଉକ୍ତ ଗୟଳଟି ଭାଙ୍ଗିଥିଲା । ପରେ ପୁଣି ଆଉ ଏକ ଗୟଳ ତିଆରି କରାଯାଇ ରଥରେ ସ୍ଥାପନ କରାଯିବାରେ ନିର୍ମାଣ କାର୍ଯ୍ୟ ଆଗେଇଥିଲା । ଏଥିସହ ଦେବଦଳନ ରଥର ଏକ ଚକରେ ଲାଗିଥିବା ବଳା ହୁଗୁଳି ଅଖରେ ଝୁଲୁଥିବା ନଜରକୁ ଆସିଛି । ରଥ ପ୍ରସ୍ତୁତ ହେବା ପୂର୍ବରୁ ଚକର ଏଭଳି ସ୍ଥିତି ଯୋଗୁ ରଥ ଟଣା ସମୟରେ ଅଘଟଣର ଆଶଙ୍କା କରାଯାଉଛି । ଏନେଇ ଦେବଦଳନ ରଥର ବିଶ୍ୱକର୍ମା ଦେବ ମହାରଣା କୁହନ୍ତି ଚକ ପ୍ରସ୍ତୁତି ସମୟରେ କାଠ କଞ୍ଚା ଥାଏ । କାଠ ଶୁଖିଯିବାରେ ତୁମ୍ବ ବାହାର ପାର୍ଶ୍ୱରେ ଲାଗିଥିବା ବଳା ହୁଗୁଳି ଯାଏ । ଆଗକୁ ପୁଣି ମଜଭୁତ୍ କରି ବଳା ଲଗାଯିବ । ସେହିଭଳି ଗୟଳ ମୋଡ଼ିବା ବେଳେ କାଠ ଗଣ୍ଠି ପାଖରେ ଭାଙ୍ଗିଥିଲା । ଶୁଖିଲା କାଠକୁ ଗଣ୍ଠି ପଡ଼ିଗଲେ ଗୟଳ ପକାଇବା ସମୟରେ ଭାଙ୍ଗେ । ନିର୍ମାଣ ସମୟରେ ଏସବୁ କିଛି ନୂଆ କଥା ନୁହେଁ । ହେଲେ ରଥ ନିର୍ମାଣ ଶେଷ ପୂର୍ବରୁ ସବୁକୁ ସୁଧାରି ନିଆଯାଏ ।




କଟକ : ସ୍ଥାନୀୟ ଚୌଧୁରୀ ବଜାର ଗୋପାଳଜୀଉ ଲେନ୍ ସ୍ଥିତ ଉଦୟଭାନୁ ନର୍ସିଂହୋମ୍‌ରେ ଏକ ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ୍ ସେଣ୍ଟର ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ନିମନ୍ତେ ଡା. ଅୟନ ବୋଷ ଓ ଡା. ଅଙ୍କିତା ରାୟଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଦୟଭାନୁ ନର୍ସିଂହୋମ୍‌ର ପରିଚାଳନା ନିର୍ଦ୍ଦେଶକ ଡା. ଅଜିତ୍ କୁମାର ବୋଷ, ଅନୁରାଧା ମିତ୍ର (ବୋଷ) ଏବଂ ଶ୍ରୀମତୀ ବାସନ୍ତୀ ରାୟ ଉପସ୍ଥିତ ଥିଲେ । ଏହି ସେଣ୍ଟରରେ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଅତ୍ୟାଧୁନିକ ମେସିନମାନ ସ୍ଥାପନ କରାଯାଉଛି । (ଫଟୋ : ସମ୍ବାଦ କଳିକା)

# ଟମାଟୋ ପରେ ଏବେ ବିଷାକ୍ତ ଅଣ୍ଡା: ବ୍ୟାପୁଛି ବିପଦଜନକ ବ୍ୟାକ୍ଟେରିଆ

**ନୂଆଦିଲ୍ଲୀ,୯।୬**

ଆମେରିକାରେ କାକୁଡି, ପିଆଜ ଓ ଟମାଟୋ ପରେ ଏବେ ଅଣ୍ଡା ବି ପାଲଟିଲା ବିଷ । ସାଲମୋନେଲା ନାମକ ବ୍ୟାକ୍ଟେରିଆକୁ ନେଇ ଆତଙ୍କ ଖେଳିଯାଇଛି । ଦେଶର ଅଲଗା ଅଲଗା ରାଜ୍ୟରେ ସଂକ୍ରମଣ ମାମଲା ଏବେ ସରକାରଙ୍କ ଚିନ୍ତା ବଢାଇଛି । ଅଣ୍ଡାରେ ସାଲମୋନେଲାର ନମୁନା ମିଳିବା ପରେ ପୁରା ଆମେରିକାର ପ୍ରାୟ ୧୭ ଲକ୍ଷ ଅଣ୍ଡା ଦୋକାନରୁ କମ୍ପାନୀକୁ ଫେରାଇ ଅଣାଯାଇଛି ।

ଖାଦ୍ୟ ପାଲଟୁଛି ବିଷ । ଅଣ୍ଡା ଖାଇବାକୁ ଲାଗୁଛି ଡର । ପରିବା ପରେ ଏବେ ଅଣ୍ଡାରେ ମିଳିଲା



ସାଲମୋନେଲା ବ୍ୟାକ୍ଟେରିଆ । ଆମେରିକାରେ ଖାଇବା ଜିନିଷରେ ବ୍ୟାପୁଥିବା ଏହି ବ୍ୟାକ୍ଟେରିଆ ଖାଦ୍ୟ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି । କାଲିଫର୍ଣ୍ଣିଆ ସହ ୭ ରାଜ୍ୟରେ ପ୍ରାୟ ୮୦ ଜଣ ବିଷାକ୍ତ ଅଣ୍ଡା ଖାଇବା ପରେ ଅସୁସ୍ଥ ହୋଇଛନ୍ତି । ଏହା ଭିତରୁ ଅନେକ ଗୁରୁତର ରହିଛନ୍ତି । ଏପର୍ଯ୍ୟନ୍ତ ୨୧ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୋକାନରୁ ଅଣ୍ଡା ଚାଲିଯିବା ପରେ ଏବେ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି । ସରକାର ଲୋକଙ୍କୁ ପରାମର୍ଶ ଦେଇଛନ୍ତି ଯେ, ସଂକ୍ରମିତ ଅଣ୍ଡାକୁ ଫୋପାଡି ଦିଆଯାଉ କିମ୍ବା ତାକୁ ଷ୍ଟୋର ପର୍ଯ୍ୟନ୍ତ ପହଁଞ୍ଚାଇ ଦିଆଯାଉ । ସେଠାରୁ କମ୍ପାନୀ ତାକୁ ସଂକ୍ରମଣମୁକ୍ତ କରିବା ପାଇଁ ପଠାଇବ । ସେଭଳି ଲୋକଙ୍କୁ ସଂକ୍ରମଣ ରୋକିବା ପାଇଁ ହାତକୁ ଭଲ ଭାବରେ ଧୋଇବାକୁ ଅପିଲ କରାଯାଇଛି । ଅଣ୍ଡା ଖାଇବା ପରେ ଡିହାଇଡ୍ରେସନ୍ କିମ୍ବା ଜ୍ୱର ଭଳି ଗୁରୁତର ଲକ୍ଷଣ ଦେଖାଯାଉଥିଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି । ବିଶେଷଜ୍ଞଙ୍କ ମତରେ ସାଲମୋନେଲା ଏକ କ୍ଷତିକାରକ ମାଇକ୍ରୋଅର୍ଗାନିଜିମ । ମଣିଷ ଶରୀର ପର୍ଯ୍ୟନ୍ତ ପହଁଞ୍ଚିବା ପରେ ୧୨ ରୁ ୭୨ ଘଣ୍ଟା ଭିତରେ ଝାଡା, ଜ୍ୱର ଓ ପେଟରେ ଯନ୍ତ୍ରଣା ହୋଇପାରେ । ଶିଶୁ,ବୟସ୍କ ଓ ଦୁର୍ବଳ ଇମ୍ୟୁନିଟି ସିଷ୍ଟମ ଥିବା ଲୋକଙ୍କ ଭିତରେ ଏହା ଗମ୍ଭୀର ଓ ଘାତକ ସଂକ୍ରମଣର କାରଣ ହୋଇପାରେ । ବୈଜ୍ଞାନିକଙ୍କ କହିବା ଅନୁସାରେ, ଫ୍ରିଜିଂ ଓ ଶୁଷ୍କ ପରିବେଶରେ ରଖିବା ଫଳରେ ବ୍ୟାକ୍ଟେରିଆ ବୃଦ୍ଧିକୁ ରୋକି ହେବ । କିନ୍ତୁ ସାଲମୋନେଲାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ହେବନି ।

# ନର୍ସିଂହୋମ୍‌ରେ ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସର ମିଳିତ ଚଢଉ

**କଟକ,୦୯/୦୮ ନ୍ୟୁଜ ବ୍ୟୁରୋ**

କଟକର ଘରୋଇ ନର୍ସିଂହୋମ୍‌ରେ ଯବାନଙ୍କ ପତ୍ନୀଙ୍କ ମଳନଳୀ କାଟିଦେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି । ନର୍ସିଂହୋମ୍‌ରେ ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସର ମିଳିତ ଚଢଉ କରାଯାଉଛି । ନର୍ସିଂହୋମ୍‌ର କାଗଜପତ୍ର ସହ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରାଯାଉଛି । ମାହାଙ୍ଗା ଅଞ୍ଚଳର ଦୀପ୍ତିମୟୀ ବାରିକ କେବେ ହସ୍ପିଟାଲ ଆସିଥିଲେ, ତାଙ୍କର କେବେ ଅସ୍ତ୍ରୋପଚାର କରାଯାଇଥିଲା, କେଉଁ ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରିଥିଲେ, ମଳନଳୀ କାଟିବା ପରେ ପୀଡ଼ିତାଙ୍କ ପରିବାରକୁ କାହିଁକି ଜଣାଇଲେ ନାହିଁ, ଭୁବନେଶ୍ୱରର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ ହେବା ସମୟରେ କାହିଁକି ତାଙ୍କୁ ଡିସଚାର୍ଜ ପ୍ରମାଣପତ୍ର ପ୍ରଦାନ କରାଗଲା ନାହିଁ ତା'ର ତଦନ୍ତ କରାଯାଉଥିବା ସୂଚନା ମିଳିଛି । ସେପଟେ ଚଢ଼ଉ ସମୟରେ ନର୍ସିଂହୋମ୍‌ର କର୍ତ୍ତୃପକ୍ଷ



ଗାଏବ ଥିବା ଜଣାପଡିଛି । ସୋମବାର ନର୍ସିଂହୋମ୍‌ର ପଞ୍ଜିକରଣ ନେଇ ବି ଯାଞ୍ଚ କରାଯାଇଛି । ଏନେଇ ସିଡିଏମ୍‌ଓ ଡାକ୍ତର ହୋତା କହିଛନ୍ତି ଯେ, ଦିପ୍ତୀମୟୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଖବରକାଗଜରୁ ଜାଣିବା ପରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ତେଣୁ ପୀଡ଼ିତା କିଭଳି ନ୍ୟାୟ ପାଇବେ ସେଥିପ୍ରତି ଆମେ ସଜାଗ୍ ରହିଛୁ । ଟେକ୍ନିକାଲ୍ କମିଟି ରିପୋର୍ଟ ଆଧାରରେ ଯଦି ସେଥିରେ କାହାର ଭୁଲ୍ ଧରାପଡ଼େ ନିଶ୍ଚିତ ଭାବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମାହାଙ୍ଗା ଅଞ୍ଚଳର ଦୀପ୍ତିମୟୀ ବାରିକଙ୍କ ପୂର୍ବରୁ ଦୁଇଟି ସନ୍ତାନ ଥିବାରୁ ପରିବାରର ସହମତିରେ ଗର୍ଭପାତ କରିବାକୁ କଟକ ରାଣୀହାଟର ଏକ ଘରୋଇ ନର୍ସିଂହୋମ୍‌କୁ ଆସିଥିଲେ । ଏଠାରେ ଅସ୍ତ୍ରୋପଚାର ସମୟରେ ତ୍ରୁଟିପୂର୍ଣ୍ଣ ଭାବେ ତାଙ୍କର ମଳ ନଳୀକୁ କାଟି ଦିଆଯାଇଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା । ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତ୍ରୁଟିପୂର୍ଣ୍ଣ ଅପରେସନ୍ କରିଥିବା ନର୍ସିଂହୋମ୍ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ବିରୋଧରେ ପୀଡ଼ିତା ଥାନାରେ ଏତଲା ଦେଇଛନ୍ତି । ପୁଲିସ ଏହି ଏତଲା ଆଧାରରେ ମାମଲା ମଧ୍ୟ ରୁଜୁ କରିଛି ।